ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Vol.26 . No.239 Bhubaneswar Thursday November 02 2023 | ୨୬ତମ ବର୍ଷ ସଂଖ୍ୟା-୨୩୯ ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୦୨, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ଏସ୍‌ପିଙ୍କ ନାଁରେ କନ୍‌ଷ୍ଟେବଲ ନେଉଥିଲା ୬ ଲକ୍ଷ !

ଭୁବନେଶ୍ୱର,୧ ।୧୧(ପି.ଏନ):ଏସ୍‌ପିଙ୍କ ନାଁରେ କନ୍‌ଷ୍ଟେବଲ ନେଉଥିଲା ୬ ଲକ୍ଷ ! ଗାଁକୁ ଗାଁ ବୁଲି ବୈଠକ କରି ଗଞ୍ଜେଇ ଚାଷୀଙ୍କଠାରୁ ଆଦାୟ କରୁଥିଲା ଟଙ୍କା। ଆଜି ଗୋଟିଏ ଗାଁରୁ ୬ ଲକ୍ଷ ଟଙ୍କା ଧରି ଫେରୁଥିବା ବେଳେ କନ୍‌ଷ୍ଟେବଲକୁ ମାଡି ବସିଲା ଭିଜିଲାନ୍ସ। ତା'ଠାରୁ ୬ ଲକ୍ଷ ଟଙ୍କା ଜବତ କରିଛି। ଏପରି ଘଟଣା ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲାରେ। ବୌଦ୍ଧ ଏସ୍‌ପିଙ୍କ ସ୍ପେଶାଲ୍ ସ୍କ୍ୱାର୍ଡରେ ନିୟୋଜିତ ହୋଇଥିଲେ କନଷ୍ଟେବଲ୍ ହରୀଶ ଚନ୍ଦ୍ର ସାହୁ। ଗଞ୍ଜେଇ ଚାଷ ହେଉଥିବା ବିଭିନ୍ନ ଗାଁକୁ ସେ ଯାଉଥିଲା। ଆଉ ଏସ୍‌ପିଙ୍କ ନାଁ କହି ଗାଁରେ ବୈଠକ କରୁଥିଲା। ପରେ ଟଙ୍କା ମାଗୁଥିଲା। କେଉଁ ଗାଁରୁ ୧୦ ଲକ୍ଷ ଆଣୁଥିଲା ତ ଆଉ କେଉଁ ଗାଁରୁ ୭ ଲକ୍ଷ ଟଙ୍କା ଆଣୁଥିଲା। ଆଉ କେଉଁ ଗାଁରୁ ୬ ଲକ୍ଷ ଟଙ୍କା ଆଣୁଥିଲା। ଗାଁ ଲୋକ ଟଙ୍କା ଦେବାକୁ ମନା କଲେ, ଚାଷ ହୋଇଥିବା ଗଞ୍ଜେଇ ନଷ୍ଟ କରିଦିଆଯିବ ବୋଲି ଧମକ ଦେଉଥିଲା। କିଛି ଉପାୟ ନପାଇ ଗାଁ ଲୋକେ ଟଙ୍କା ଦେଉଥିଲେ।



## ମହାପ୍ରଭୁଙ୍କୁ ଦର୍ଶନ କଲେ ରାଜ୍ୟପାଳ

ପୁରୀ,୧ ।୧୧(ପି.ଏନ): ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ ସହ ଆଶିଷ ଲାଭ କଲେ ରାଜ୍ୟପାଳ ରଘୁବର ଦାସ। ଗତକାଲି ନୂତନ ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିବା ପରେ ଆଜି ପୂର୍ବାହ୍ନରେ ପୁରୀ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି ରାଜ୍ୟପାଳ ରଘୁବର ଦାସ। ଶ୍ରୀମନ୍ଦିର ସିଂହଦ୍ୱାର ଠାରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଓ ଏସପି ଡଃ କନୱର ବିଶାଳ ସିଂ ତାଙ୍କୁ ସ୍ୱାଗତ କରିବା ସହ ଶ୍ରୀମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ସେହିପରି ସେବାୟତମାନେ ରାଜ୍ୟପାଳଙ୍କୁ ଖଣ୍ଡୁଆ ପାଟ ଦେଇ ସ୍ୱାଗତ କରିଥିଲେ। ପ୍ରଥମେ ପତିତପାବନଙ୍କ ଦର୍ଶନ କରିବା ପରେ ଭିତରକାଠ ନିକଟରୁ ଚତୁର୍ଦ୍ଧା ବିଗ୍ରହଙ୍କ ଦର୍ଶନ କରିଥିଲେ ରାଜ୍ୟପାଳ। ପରେ ମା ମହାଲକ୍ଷ୍ମୀ, ବିମଳା ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ ସହ ଆଶିଷ ଲାଭ କରିଥିଲେ ରାଜ୍ୟପାଳ। ପ୍ରାୟ ଅଧଘଣ୍ଟାଏ ସେ ଶ୍ରୀମନ୍ଦିର ଭିତରେ ଅତିବାହିତ କରିଥିଲେ। ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ ପୂର୍ବରୁ ମଧ୍ୟ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କରିଥିଲେ ରାଜ୍ୟପାଳ ରଘୁବର ଦାସ। ତେବେ ଗତକାଲି ଶପଥ ନେବା ପରେ ଆଜି ମହାପ୍ରଭୁଙ୍କ ଦର୍ଶନ କରି ରାଜ୍ୟ ତଥା ଦେଶର ମଙ୍ଗଳକାମନା କରିଛନ୍ତି। ପରେ ସେ ପୁରୀ ରାଜଭବନରେ କିଛି ସମୟ ଅତିବାହିତ କରିବା ପରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି।

# ସ୍କୁଟି ବୋଝେଇ ଟ୍ରକ୍ ଧରି ଚମ୍ପଟ ମାରୁଥିଲା, ଗୋଡାଇ ଗୋଡାଇ ମାଡିବସିଲା ପୁଲିସ

ଭୁବନେଶ୍ୱର,୧ ।୧୧(ପି.ଏନ): ପେଟ୍ରୋଲ୍ ପମ୍ପରେ ସ୍କୁଟି ବୋଝେଇ ଟ୍ରକ୍ ଛିଡା କରି ଶୌଚ ଯାଇଥିଲେ ଡ୍ରାଇଭର। ଏହାର ସୁଯୋଗ ନେଇ ଟ୍ରକକୁ ଧରି ଚମ୍ପଟ ମାରୁଥିଲା ଯୁବକ। ଗୋଡାଇ ଗୋଡାଇ ମାଡିବସିଲା ହାଇୱେ ପାଟ୍ରୋଲିଂ ପୁଲିସ। ଗଞ୍ଜାମ ଜିଲ୍ଲା ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥରେ ଘଟିଛି ଏପରି ଲୁଟ୍। ଗିରଫ ଯୁବକ ଜଣକ ପେଶାଦାର ଲୁଟେରା ବୋଲି ଜଣାପଡିଛି।ହୋଣ୍ଡା ସ୍କୁଟି ବୋଝେଇ ଟ୍ରକ୍ ବାଙ୍ଗାଲୁରୁରୁ କୋଲକାତା ଅଭିମୁଖେ ଯାଉଥିଲା। ମଙ୍ଗଳବାର ସନ୍ଧ୍ୟା ବେଳେ ଟ୍ରକ୍ ଡ୍ରାଇଭର ଶଶୀଭୂଷଣ ସିଂ ୧୬ ନମ୍ବର ଜାତୀୟ ରାଜପଥର ରମ୍ଭା ଥାନା ଗଣ୍ଡାପଲ୍ଲୀ ପେଟ୍ରୋଲ ପମ୍ପ ନିକଟରେ ଗାଡି ଛିଡା କରି ଶୌଚ ପାଇଁ ଯାଇଥିଲେ। ହେଲେ ଟ୍ରକ୍‌ର ଡୋର୍ ଲକ୍ କରିନଥିଲେ କି ଚାବି ନେଇନଥିଲେ। ଏହାର ସୁଯୋଗ ନେଇ ପାଗଳ ଭଳି ଅଭିନୟ କରୁଥିବା ଜଣେ ବିହାରୀ ଯୁବକ ରିଙ୍କୁ ସିଂ ଟ୍ରକ୍ ଧରି ପଳାଇ ଯାଉଥିଲା।



# ଅକ୍ଟୋବରରେ ଜିଏସଟି ସଂଗ୍ରହ ୧.୭୨ ଲକ୍ଷ କୋଟି ଟପିଲା

ନୂଆଦିଲ୍ଲୀ.୧ ।୧୧(ପି.ଏନ): ପାର୍ବଣ ମାସ ଅକ୍ଟୋବର ମାସରେ ଦେଶରେ ଭଲ ଜିଏସଟି ଆଦାୟ ହୋଇଛି । ଏହି ମାସରେ ଜିଏସଟି ସଂଗ୍ରହ ସମୁଦାୟ ୧.୭୨ ଲକ୍ଷ କୋଟି ଟଙ୍କା ହୋଇଛି । ଜୁଲାଇ ୧, ୨୦୧୭ରେ ଜିଏସଟି ଲାଗୁ ହେବା ପରେ ଅକ୍ଟୋବର ୨୦୨୩ରେ ଏହା ହେଉଛି ଦ୍ୱିତୀୟ ସର୍ବାଧିକ ମାସିକ ଜିଏସଟି ଆଦାୟ। ଏପ୍ରିଲ ୨୦୨୩ରେ ୧ ଲକ୍ଷ ୮୭ ହଜାର କୋଟିର ଜିଏସଟି ଆଦାୟ ହୋଇଥିଲା, ଯାହାକି ସର୍ବାଧିକ ମାସିକ ଜିଏସଟି ଆଦାୟ। ସେହିପରି ଅକ୍ଟୋବର ୨୦୨୨ ତୁଳନାରେ ଗତ ଅକ୍ଟୋବରରେ ଜିଏସଟି ଆଦାୟରେ ୧୩ ପ୍ରତିଶତ ବୃଦ୍ଧି ଘଟିଛି। ଅର୍ଥ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଅକ୍ଟୋବରରେ ଜିଏସଟି ସଂଗ୍ରହ ୧,୭୨,୦୦୩ କୋଟି ଟଙ୍କା ରହିଛି । ସେଥିମଧ୍ୟରୁ ୩୦,୦୬୨ କୋଟି ଟଙ୍କା କେନ୍ଦ୍ରୀୟ ଜିଏସଟି, ୩୮,୧୭୧ କୋଟି ଟଙ୍କା ରାଜ୍ୟ ଜିଏସଟି, ୯୧,୩୧୫ କୋଟି ଟଙ୍କା ଇଣ୍ଟିଗ୍ରେଟେଡ୍ ଜିଏସଟି ଏବଂ ୧୨,୪୫୬ କୋଟି ଟଙ୍କା ସେସ୍ ରହିଛି। ଅର୍ଥ ମନ୍ତ୍ରଣାଳୟ ଅନୁଯାୟୀ, ୨୦୨୩-୨୪ ଆର୍ଥିକ ବର୍ଷରେ ହାରାହାରି ୧.୬୬ ଲକ୍ଷ କୋଟି ଟଙ୍କା ଜିଏସଟି ଆଦାୟ ହୋଇଛି, ଯାହା କି ଗତ ଆର୍ଥିକ ବର୍ଷର ହାରାହାରି ଜିଏସଟି ସଂଗ୍ରହଠାରୁ ୧୧ ପ୍ରତିଶତ ଅଧିକ। ସେହିପରି ଗତବର୍ଷ ଅକ୍ଟୋବର ମାସ ତୁଳନାରେ ଚଳିତ ବର୍ଷ ଅକ୍ଟୋବରରେ ଜିଏସଟି ଆଦାୟ ୧୩ ପ୍ରତିଶତ ଅଧିକ ହୋଇଛି।

## ଛାତ୍ରଛାତ୍ରୀ ପାଇବେ ମାଗଣା ଇଣ୍ଟରନେଟ୍ ସେବା

ଭୁବନେଶ୍ୱର,୧ ।୧୧(ପି.ଏନ): ରାଜ୍ୟ ସରକାର ଡିଜିଟାଲ ମାଧ୍ୟମରେ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦେଉଛନ୍ତି । ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ଇ-ଲାଇବ୍ରେରି ସହିତ କମ୍ପ୍ୟୁଟର ଲ୍ୟାବ୍ (ପ୍ରୟୋଗଶାଳା) ଖୋଲିବା ପରେ ଏବେ ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟ ପରିସରକୁ ୱାଇଫାଇ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଏନେଇ ଆଜି ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ରମାକାନ୍ତ ନାୟକ ରାଜ୍ୟ ସରକାରଙ୍କ ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର କୁଳସଚିବମାନଙ୍କୁ ଚିଠି ଲେଖିଛନ୍ତି।

ଶ୍ରୀ ନାୟକ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର ପରିସର ୱାଇଫାଇଯୁକ୍ତ ହେବ। ଏହା ଦ୍ୱାରା ଛାତ୍ରଛାତ୍ରୀଙ୍କୁ ୱାଇଫାଇ ସୁବିଧା ମିଳିବ ମାଗଣାରେ ମିଳିପାରିବ। ଏହି ସୁବିଧା ମିଳିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ଅଧ୍ୟୟନରେ ସୁବିଧା ହେବ। ତେଣୁ ଛାତ୍ରଛାତ୍ରୀଙ୍କ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ଏଭଳି ନିଷ୍ପତ୍ତି ନେଇଛନ୍ତି। ଆଜିର ଦିନରେ ଅଧିକାଂଶ ପାଠ୍ୟ ପୁସ୍ତକ ଅନ୍‌ଲାଇନ୍‌ରେ ଉପଲବ୍ଧ ରହୁଛି। ମାଗଣା ଇଣ୍ଟରନେଟ୍ ସୁବିଧା ଦିଆଯିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ଅଧ୍ୟୟନରେ ଏହା ସହାୟକ ହେବ, ଯାହା ଫଳରେ ଶୈକ୍ଷିକ ବାତାବରଣରେ ଉନ୍ନତି ଆସି ପାରିବ। ଏଥିପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ୱାଇଫାଇ ନେଟୱର୍କ ଇଷ୍ଟଲେସନ ଲାଗି ବ୍ୟୟ ଅଟକଳ ବା ଏଷ୍ଟିମେସନ ପ୍ରସ୍ତାବ ଦିଅନ୍ତୁ।

# ସନ୍ଧ୍ୟା ବେଳେ ଘରେ ପଶି ଛାତ୍ରଙ୍କ ବେକ କାଟିଦେଲେ ଦୁର୍ବୃତ୍ତ

ଭୁବନେଶ୍ୱର,୧ ।୧୧(ପି.ଏନ):ପରୀକ୍ଷା ଥିବାରୁ ଘରେ ବସି ଛାତ୍ର ଜଣକ ପାଠ ପଢୁଥିଲେ। ଠିକ୍ ସେହି ସମୟରେ ଜଣେ ଯୁବକ ଘରେ ପଶି ତାଙ୍କ ବେକ କାଟି ଦେଲେ। ଆଜି ସନ୍ଧ୍ୟା ବେଳେ ଏପରି ବୀଭତ୍ସ ହତ୍ୟାକାଣ୍ଡ ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଜଟଣୀ ଥାନା ଅଞ୍ଚଳରେ ଘଟିଛି। କିଏ ଓ କେଉଁ କାରଣରୁ ଛାତ୍ରଙ୍କୁ ହତ୍ୟାକଲା, ତାହା ଜଣାପଡି ନାହିଁ।ଜଟଣୀ ଥାନା ବେଣାପଞ୍ଜରୀ ଗାଁ ମନୋଜ କୁମାର



ପାଲଟାସିଂ ହେଉଛନ୍ତି ଜଣେ ଶିକ୍ଷକ। ତାଙ୍କ ପୁଅ ହେଉଛି ଶୁଭମ୍ ସ୍ୱରୂପ ପାଲଟାସିଂ। ସେ ଜଣେ ମେଧାବୀ ଛାତ୍ର ଥିଲେ। ଆଦର୍ଶ ବିଦ୍ୟାଳୟରେ ପାଠ ପଢୁଥିଲେ। ଆସନ୍ତାକାଲି ଶୁଭମର ପରୀକ୍ଷା ଥିଲା। ତେଣୁ ସେ ଆଜି ସନ୍ଧ୍ୟା ବେଳେ ତଳ ମହଲାରେ ଥିବା ଏକ ଘରେ ଏକାକୀ ବସି ପାଠ ପଢୁଥିଲେ। ଉପର ମହଲାରେ ଶୁଭମଙ୍କ ବାପା ଓ ଭଉଣୀ ଟ୍ୟୁସନ୍ କରୁଥିଲେ।

# ସମଲିଙ୍ଗୀ ବିବାହକୁ ନା: ସୁପ୍ରିମକୋର୍ଟରେ ଦାଖଲ ହେଲା ରିଭ୍ୟୁ ପିଟିସନ

ଭୁବନେଶ୍ୱର,୧ ।୧୧(ପି.ଏନ): ସୁପ୍ରିମକୋର୍ଟ ସମଲିଙ୍ଗୀ ବିବାହକୁ ଆଇନଗତ ମାନ୍ୟତା ଦେବାକୁ ମନା କରି ଦେଇଥିବା ରାୟକୁ ପୁନଃ ସମୀକ୍ଷା କରିବାକୁ ଆଜି ଆବେଦନ ଦାଖଲ କରାଯାଇଛି। ସମଲିଙ୍ଗୀ ବିବାହକୁ ଆଇନଗତ ମାନ୍ୟତା ଦେବାକୁ ଆବେଦନ କରିଥିବା ଉଦିତ ସୁଦ ନାମକ ଜଣେ ଆବେଦନକାରୀ ରିଭ୍ୟୁ ପିଟିସନ ଦାଖଲ କରିଛନ୍ତି। ସୁପ୍ରିମକୋର୍ଟ ନିଜେ ଦେଇଥିବା ରାୟର ଏହା ବିରୋଧାଚରଣ କରୁଛି ଓ ସଂପୂର୍ଣ୍ଣ ଭାବେ ଅଯୋଗ୍ୟତାପୂର୍ଣ୍ଣ ବୋଲି ପିଟିସନରେ କୁହାଯାଇଛି। ସୁପ୍ରିମକୋର୍ଟ



ତାଙ୍କ ରାୟରେ ସମଲିଙ୍ଗୀ ସଂପ୍ରଦାୟ ଭୋଗୁଥିବା ପକ୍ଷପାତିତାକୁ ସ୍ୱୀକାର କରିଛନ୍ତି। କିନ୍ତୁ ପକ୍ଷପାତିତାର କାରଣକୁ ବିଲୋପ କରି ନାହାନ୍ତି। ସମଲିଙ୍ଗୀ ଦମ୍ପତିଙ୍କୁ ସମାନ ଅଧିକାର ପ୍ରଦାନ କରିବାକୁ ପ୍ରତ୍ୟାଖ୍ୟାନ କରି ଆଇନ ପ୍ରଣୟନକାରୀ ସଂସ୍ଥା ସେମାନଙ୍କୁ ମଣିଷ ଠାରୁ କମ ବୋଲି ବିବେଚନା କରିଛନ୍ତି।

# ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସାରଥୀ ସାମନ୍ତରାୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ଚଣ୍ଡିଖୋଲ,୧ ।୧୧(ପି.ଏନ): ସିଦ୍ଧିପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସାରଥୀ ସାମନ୍ତରାୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଏକ ଭାବବିହୋଳ ପରିବେଶରେ ସମ୍ପନ୍ନ ହୋଇଯାଇଅଛି। ଦୀର୍ଘ ୩୭ ବର୍ଷ ଶିକ୍ଷକତା ଜୀବନର ପରିସମାପ୍ତ ଘଟିଛି । ଶ୍ରୀମତୀ ସାମନ୍ତରାୟ ଜଣାଶୁଣା ସ୍ତମ୍ଭକାର ଓ ଶିଶୁ ସାହିତ୍ୟିକ ଡକ୍ଟର ପ୍ରିୟନାଥ ମହାପାତ୍ରଙ୍କ ପ୍ରିୟ ଧର୍ମ ପତ୍ନୀ ଅଟନ୍ତି। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଧର୍ମଶାଳା ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀ ନିକୁଞ୍ଜ ବିହାରୀ ମହାନ୍ତି ଉଦ୍‌ଘାଟକ, ମୁଖ୍ୟଅତିଥି ଶ୍ରୀ ପ୍ରଭାତ କୁମାର ବଳବନ୍ତରାୟ ପଞ୍ଚାୟତ ସମିତି ଅଧ୍ୟକ୍ଷ, ମୁଖ୍ୟବକ୍ତା ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ସମ୍ମାନୀତ ଅତିଥି ପୂର୍ବତନ ଯାଜପୁର ସାଂସଦ ଶ୍ରୀମତୀ ରୀତା ତରାଇ, ୧୩ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ଶ୍ରୁତିରେଖା ବେହେରା, କ୍ଷେତ୍ରପାଳ ଗ୍ରାମପଞ୍ଚାୟତ ସରପଞ୍ଚ ଫକୀର ନାରାୟଣ ମିଶ୍ର, ସମିତି ସଭ୍ୟା ଶୁଚିସ୍ମିତା ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଞ୍ଜନ କୁମାର ଜେନା, ଧର୍ମଶାଳା ପ୍ରାଥମିକ ଶିକ୍ଷକ ସଂଘ



ସଭାପତି ଯୁଗଳ କିଶୋର ଦାସ, ମୋ ସ୍କୁଲ ଅଭିଯାନ ସଂଯୋଜକ ମମିତା ମହାନ୍ତି, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବୀରକିଶୋର ସେନାପତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ପ୍ରାରମ୍ଭିକ ସଙ୍ଗୀତ ନୃତ୍ୟ ଗୁରୁ ବିପିନ ବିହାରୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପରିବେଷଣ କରାଯାଇଥିଲା। ଉକ୍ତ ଅବସରରେ "ସାର୍ଥକ ସାରଥୀ" ନାମରେ ଏକ ସ୍ମରଣୀକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭିକ ଭାଷଣ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସିପ୍ରା ବେହେରା କାର୍ଯ୍ୟାକ୍ରମକୁ ଶିକ୍ଷାବିତ୍ ଜଗନ୍ନାଥ ସାମନ୍ତରାୟ ପରିଚାଳନା କରିଥିବା ବେଳେ ପୂର୍ବତନ ସମିତି ସଭ୍ୟ ଯତୀନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଅବସରରେ ଶ୍ରୀମତୀ ସାମନ୍ତରାୟଙ୍କୁ ଶିକ୍ଷାଦାନ କରିଥିବା ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ଜେନା, ବିଜୟ କର,ନରେନ୍ଦ୍ର ରାଉତ, ମହେନ୍ଦ୍ର ସାହୁ, ବଟକୃଷ୍ଣ ସାହୁ ତଥା ବିଶିଷ୍ଟ ଶିକ୍ଷାବିତ୍ ପୂର୍ବତନ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ଦାସ ପ୍ରମୁଖଙ୍କୁ ଉପଢ୍ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅଞ୍ଚଳର ବୁଦ୍ଧିଜୀବୀ, ଅଭିଭାବକ ଓ ଛାତ୍ରଛାତ୍ରୀ ବୃନ୍ଦ ତଥା ସହପାଠି ଓ ପରିବାରବର୍ଗ ଉପସ୍ଥିତ ଥିଲେ। ସଭା ଶେଷରେ ପ୍ରସାଦ ସେବନ ସହ ଏକ ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା କରାଇ ଶ୍ରୀମତୀ ସାମନ୍ତରାୟଙ୍କୁ ବାସଗୃହ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ।

# କଟକ ବାଲିଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ପୋଲିସ ସ୍ତରରେ ଚାଲିଛି ପ୍ରସ୍ତୁତି

କଟକ,୧ ।୧୧(ପି.ଏନ): ଐତିହାସିକ କଟକ ବାଲିଯାତ୍ରାକୁ ଏଥର ସରସ ସୁନ୍ଦର କରିବା ପାଇଁ ଏବେଠାରୁ ପ୍ରଶାସନିକ ତଥା ପୋଲିସ ସ୍ତରରେ ପ୍ରସ୍ତୁତିକୁ ଜୋରଦାର କରାଯାଇଛି । ଗୋଟିଏ ପଟେ ପ୍ଲଟ ନିଲାମ ପାଇଁ ପଞ୍ଜୀକରଣ ଚାଲିଥିବା ବେଳେ ଆଜି ଜିଲ୍ଲାପାଳ ପୋଲିସ ଅଧିକାରୀ ଓ ଅନ୍ୟ ଅଧିକାରୀଙ୍କୁ ଧରି ବାଲିଯାତ୍ରା ପଡିଆ ବୁଲି ପ୍ରସ୍ତୁତି ବିଷୟରେ ଆଲୋଚନା କରିଛନ୍ତି । ପ୍ରସ୍ତୁତି ନେଇ ଅନ୍ୟ ପ୍ରଶାସନିକ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ, ସିଏମସି ଓ ପୋଲିସ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ନଭେମ୍ବର ୨୭ ରୁ ହେବାକୁ ଥିବା ଏହି ବିରାଟ



ମେଳା ଯେପରି ଶାନ୍ତିଶୃଙ୍ଖଳାର ସହ ଆୟୋଜନ ହେବ ସେ ନେଇ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ବାଲିଯାତ୍ରାରେ ଗାଡି ପାର୍କିଂ ପାଇଁ ଅଧିକ ସ୍ଥାନ ଚିହ୍ନଟ କରିବାକୁ ଭୁଆଷୁଣୀ ପଠା, ହାଡିଆ ପଠା ଓ ଅନ୍ୟ ସ୍ଥାନକୁ ଫିଲଡ୍ ଭିଜିଟ କରିଛନ୍ତି । ଭିଡରେ ଚୋରି, ପକେଟମାର, ଛିନତାଇ ରୋକିବାକୁ ସାଧା ପୋଷାକଧାରୀ ପୋଲିସ ନିୟୋଜିତ ହେବେ । ସେପଟେ ୧୧ ତାରିଖରୁ ବାରବାଟୀ ପ୍ୟାଲେସ ଠାରେ ପ୍ଲଟ ନିଲାମ ଆରମ୍ଭ ହେବ।

# ହବିଷ୍ୟାଳୀଙ୍କୁ ଟଙ୍କା ଠକେଇ କରିବା ଯୋଜନା ପଡିଲା ମହଙ୍ଗା

ପୁରୀ,୧ ।୧୧(ପି.ଏନ):ପୁରୀରେ ହବିଷ୍ୟାଳୀଙ୍କୁ ଲୁଟିବା ପାଇଁ ଯୋଜନା ଅସଫଳ ହେବା ପରେ ଜଣେ ଯୁବକଙ୍କୁ ମହଙ୍ଗା ପଡିଛି। ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି ତା ନିକଟରୁ ୨ହଜାର ଟଙ୍କା ଏବଂ ଗୋଟିଏ ବାଇକ ଜବତ କରିଛି। ଅଭିଯୋଗକାରୀ ଜଣକ ହେଲେ ଖୋର୍ଦ୍ଧା ଜିଲ୍ଲା ଗମ୍ଭାରୀମୁଣ୍ଡାର କୈଳାଶ ପ୍ରଧାନ(୩୦) ହୋଇଥିବା ବେଳେ,ଅଭିଯୁକ୍ତ ଜଣକ ହେଲେ ବ୍ରହ୍ମଗିରି ଥାନା ଅଧୀନ ଭଣ୍ଡାରୀକୁଦାର କୌଶିକ ସାମନ୍ତରାୟ(୨୨) ଓରଫ ଗୋପାଳ ବୋଲି ସୂଚନା ମିଳିଛି। ସୂଚନା ମୁତାବକ, ଖୋର୍ଦ୍ଧା ଜିଲ୍ଲା ଗମ୍ଭାରୀମୁଣ୍ଡା ଅଚଂଳରୁ କିଛି ମହିଳା ପୁରୀକୁ ହବିଷ କରିବାକୁ ଆସି ବଗଳା ଧର୍ମଶାଳା ନିକଟରେ ନାମ ପଞ୍ଜୀକରଣ କରିବା ପାଇଁ ଅପେକ୍ଷା କରିଥିଲେ। ଉକ୍ତ ସମୟରେ ଅଭିଯୁକ୍ତ ଜଣକ ତାଙ୍କ ମୋବାଇଲ ନମ୍ବରକୁ କୌଶଳକ୍ରମେ ସଂଗ୍ରହ କରି ନେଇଥିଲେ। ପରେ ତାଙ୍କୁ ୭ହଜାର ଟଙ୍କା ଦେଲେ ସେ ବୃନ୍ଦାବତୀ ନିବାସରେ ୭ଜଣଙ୍କ ପାଇଁ ରହିବା ବ୍ୟବସ୍ଥା କରି ଦେବେ ବୋଲି ଫୋନ କରି କହିଥିଲେ। କିନ୍ତୁ ପରେ ଅଭିଯୋଗକାରୀ ମହିଳା ଜଣକ ହବିଷ୍ୟାଳୀଙ୍କ ନାମ ପଞ୍ଜୀକରଣ ପାଇଁ କୌଣସି ଟଙ୍କା ଦେବାକୁ ପଡିବ ନାହିଁ ବୋଲି ଜାଣିବାକୁ ପାଇଥିଲେ।

# କଳାହାଣ୍ଡି ପ୍ରତିଷ୍ଠା ଦିବସରେ ଜିଲ୍ଲାରେ ଲକ୍ଷ୍ମୀ ବସ୍‌ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧ ।୧୧(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି କଳାହାଣ୍ଡି ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି । କଳାହାଣ୍ଡି ପ୍ରତିଷ୍ଠା ଦିବସରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ଯୋଜନାରେ ୬୩ଟି ବସ୍ ଚାଲିବ ଏବଂ ସବୁ ପଞ୍ଚାୟତକୁ ବସ୍ ଯିବ । କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପଡିଆରେ ଏହି ଯୋଜନା ଆରମ୍ଭ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଲକ୍ଷ୍ମୀ ଘରେ ଘରେ ଖୁସି ଆଣିବ ଏବଂ ବିକାଶର ଗାଡିକୁ ଆହୁରି ଜୋରରେ ଆଗକୁ ନେବ । ସାରା ରାଜ୍ୟରେ ଏହି ଯୋଜନାରେ ୧୦୦୦ଟି ବସ୍ ଚାଲିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଭାବେ ନାମିତ କରିଥିଲେ ।ସୂଚନାଯୋଗ୍ୟ ଯେ ଲକ୍ଷ୍ମୀ ଯୋଜନାରୁ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ପରିବହନ ବ୍ୟବସ୍ଥାକୁ ସୁଦୃଢ କରିବା ସହିତ ପର୍ଯ୍ୟଟନ ତଥା ଆଞ୍ଚଳିକ ଆର୍ଥିକ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା। ଯୋଜନାର ଶୁଭାରମ୍ଭ ପରେ ବସ୍‌ରେ ବସି ବଳରାମପୁର ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଯାଇଥିଲେ ଏବଂ ସେଠାରେ ଏକ ବିକ୍ୟୁଏସ୍ ଫ୍ୟାସିଲିଟିର ଉଦ୍‌ଘାଟନ କରିଥିଲେ । ଆଜି ଦିନଟି କଳାହାଣ୍ଡିର ବିକାଶ ଯାତ୍ରାରେ ଏକ ବଡ଼ ମାଇଲ ଖୁଣ୍ଟ ଓ ବହୁତ ଆନନ୍ଦର ଦିନ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଆଜି ଏଠାରେ୩୦୦ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ ହେଲା। ଆଉ ୯୦୦ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିଭୂମି ରଖାଗଲା। ଏହା ଜିଲ୍ଲାର ବିକାଶ ଗତିକୁ ଆହୁରି ଜୋରଦାର କରିବ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରୁ ଗାଁରେ ବସର ଅସୁବିଧା ବିଷୟରେ ଜାଣିବା ପରେ ଲକ୍ଷ୍ମୀ ଯୋଜନା ଆରମ୍ଭ କରିଛି ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ଦ୍ୱାରା ଆପଣଙ୍କର ପ୍ରତି ଦିନର ଚିନ୍ତା ଦୂର ହେବ । ରାଜ୍ୟରେ ଚାଲିବ ଏକ ହଜାରରୁ ଅଧିକ ବସ।ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଏଥିରେ ଆପଣଙ୍କ ଘର ପାଖକୁ ବସ ଆସିବ। ସମସ୍ତଙ୍କୁ ଯୋଡ଼ିବ। ପିଲାଙ୍କୁ ସ୍କୁଲ ସହିତ, ଚାଷୀକୁ ମାର୍କେଟ ସହିତ ଆଉ ମା ମାନଙ୍କ ଗତିଶୀଳତା ବୃଦ୍ଧି ପାଇବ। କଳାହାଣ୍ଡିର ବିକାଶ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରୂପାନ୍ତର କ୍ଷେତ୍ରରେ କଳାହାଣ୍ଡି ଆମର ଏକ ମଡେଲ । ଶିକ୍ଷା ,ସ୍ୱାସ୍ଥ୍ୟ ଯୋଗାଯୋଗ, ଭିତ୍ତିଭୂମି ଶିଳ୍ପ କୃଷି ସବୁ କ୍ଷେତ୍ରରେ ଉନ୍ନତି କଳାହାଣ୍ଡି ବାସୀଙ୍କ ସପନକୁ ସାକାର କରିଛି। କଳାହାଣ୍ଡି ଆଜି ନିଜ ଇତିହାସକୁ ପରିବର୍ତ୍ତନ କରିଛି। ସଫଳତାର ନୂଆ କାହାଣୀ ଯୋଡ଼ିଛି। ବିକାଶର ଯାତ୍ରାରେ ଆଗକୁ ବଢ଼ିଛି। ସାରା ଦେଶକୁ ଆଜି କଳାହାଣ୍ଡି ଚାଉଳ ଦଉଛି ବୋଲି ସେ କହିଥିଲେ। ଇନ୍ଦ୍ରାବତୀ ପ୍ରୋଜେକ୍ଟ କଳାହାଣ୍ଡି ବିକାଶର ଇଞ୍ଜିନ ବୋଲି ମତଦେଇ ସେ କହିଥିଲେ ଯେ ଏହି ପ୍ରୋଜେକ୍ଟ କଳାହାଣ୍ଡିର ଚେହେରାକୁ ଉଜ୍ଜଳ କରିଛି। ଖୁବ୍ ଶୀଘ୍ର ଏଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ ହେବ। ସବୁ ପଞ୍ଚାୟତକୁ ମିଳିବ ପଚାଶ ଲକ୍ଷ ଟଙ୍କା। ଆମ ସଂସ୍କୃତି ଓ ଆଧୁନିକ ଭିତ୍ତିଭୂମି ପାଇଁ ଏହି ଟଙ୍କା ଖର୍ଚ୍ଚ ହେବ ବୋଲି ସେ କହିଥିଲେ।

# କାଲି ମହୁଆଙ୍କୁ ଜେରା କରିବ ଏଥିକ୍ସ କମିଟି, ୩ ମନ୍ତ୍ରଣାଳୟ ଦେଲେ ରିପୋର୍ଟ

ଭୁବନେଶ୍ୱର,୧ ।୧୧(ପି.ଏନ): ଟଙ୍କା ନେଇ ସଂସଦରେ ପ୍ରଶ୍ନ କରିବା ମାମଲାରେ ଫସିଥିବା ଟିଏମସି ସାଂସଦ ମହୁଆ ମୋଇତ୍ରାଙ୍କୁ ଆସନ୍ତାକାଲି ଲୋକସଭାର ଏଥିକ୍ସ କମିଟି ଜେରା କରିବ। କମିଟି ପାଖରେ ଥିବା ଦସ୍ତାବିଜତ ଓ ତଥ୍ୟ ବ୍ୟତୀତ ୩ ମନ୍ତ୍ରଣାଳୟ ଦେଇଥିବା ରିପୋର୍ଟ ଉପରେ ମଧ୍ୟ ତାଙ୍କୁ ପ୍ରଶ୍ନ କରାଯିବ। ଲାଞ୍ଚ ନେଇ ପ୍ରଶ୍ନ କରିବା ବ୍ୟତୀତ ମହୁଆ ତାଙ୍କ ଲୋକସଭା ଲଗଇନ ଆଇଡି ଜଣେ ବ୍ୟବସାୟୀଙ୍କୁ ଦେଇଥିବା ଅଭିଯୋଗ ହୋଇଛି। ମହୁଆ ଭାରତରେ ଥିବା ବେଳେ ଦୁବାଇରେ ତାଙ୍କ ଆକାଉଣ୍ଟକୁ ପ୍ରାୟ ୪୭ ଥର



ଲଗଇନ କରାଯାଇଥିବା ମଧ୍ୟ କୁହାଯାଉଛି। ଏ ସବୁ ଅଭିଯୋଗ ଉପରେ ସ୍ୱରାଷ୍ଟ୍ର, ସୂଚନା ଓ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ରିପୋର୍ଟ ଦେଇଛି।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ତାରାତାରିଣୀ

**କୃଷ୍ଣଚନ୍ଦ୍ର ତ୍ରିପାଠୀ**

ଗଂଜାମ ଜିଲ୍ଲାର ସପ୍ତ ପ୍ରସିଦ୍ଧ ତାନ୍ତ୍ରିକ ଶକ୍ତିପୀଠ ସିଦ୍ଧଭୈରବୀ, ବାଳକୁମାରୀ, ବାଙ୍କେଶ୍ୱରୀ, ମହୁରୀକାଳୁଆ, ବାଗ୍‌ଦେବୀ, ସିଂହାସନୀ, ନାରାୟଣୀଙ୍କ ସହ ତାରାତାରିଣୀ ଶକ୍ତିପୀଠର ମାହାତ୍ମ୍ୟ ଓ ଆକର୍ଷଣ ସୁଦୂରପ୍ରସାରୀ । ବ୍ରହ୍ମପୁରଠାରୁ ଚାଳିଶି କିଲୋମିଟର ଦୂରରେ ପୁଣ୍ୟତୋୟା ଋଷିକୁଲ୍ୟା ନଦୀର ଦକ୍ଷିଣ ତଟ ଦେଶରେ ତାରାକକ୍ଷ ପାହାଡ଼ର ଦହିହାଣ୍ଡି ଶିଖର ସ୍ଥଳୀରେ ତାରାତାରିଣୀ ଯାମଳା ଭଗିନୀ ଦେବୀ ପୂଜା ପାଇ ଆସୁଛନ୍ତି । ଶକ୍ତି ଉପାସକବୃନ୍ଦ ଏହି ସୁପ୍ରତିଷ୍ଠିତା ଦେବୀ ଆରାଧନା କରିବା ଦିଗରେ ବିଶେଷ ପ୍ରାଧାନ୍ୟ ଦେଇଥାନ୍ତି । ଅଗଣିତ ଭକ୍ତ ପରିବାର ତାରାତାରିଣୀଙ୍କୁ ସ୍ୱଗୃହ ଇଷ୍ଟଦେବତା ଭାବରେ ବଂଶାନୁକ୍ରମେ ଗ୍ରହଣ କରିଆସୁଛନ୍ତି । ସନ୍ତାନଙ୍କ ସୁଖଦୁଃଖରେ ତାରାତାରିଣୀ ନାମ ସ୍ମରଣ କରିଥାନ୍ତି । ସେମାନଙ୍କ ପାଇଁ ତାରାତାରିଣୀ ସଙ୍କଟତାରିଣୀ ସକଳ ବିପଦ ଭଞ୍ଜନୀ ସୁଖସ୍ୱାସ୍ଥ୍ୟ ସାମର୍ଥ୍ୟ ବିଭବ ସୌଭାଗ୍ୟ ସମୃଦ୍ଧି ପ୍ରଦାୟିନୀ । ସେ କରୁଣାମୟୀ ପ୍ରେମମୟୀ ଓ ମମତାମୟୀ ଭକ୍ତବତ୍ସଳା ଅନନ୍ୟା ଶୋକ କ୍ଲେଶ ହାରିଣୀ ଭବଭୟ ନିବାରିଣୀ ପ୍ରତ୍ୟକ୍ଷା ଠାକୁରାଣୀ । ସେ ଆୟୁ, ଜ୍ଞାନ, ଯଶ, ଧନ ଭକ୍ତକୁ ଅନ୍ତର ଭାବବୋଧ କରି ଅଯାଚିତ ଭାବରେ ଦାନ କରିଥାନ୍ତି । ତାରାତାରିଣୀଙ୍କୁ ଗଂଜାମ ଜାହ୍ନବୀ ଋଷିକୁଲ୍ୟା ଜଳରେ ସ୍ନାନ କରି ଦର୍ଶନ କଲେ ଦୁଃଖ ଶୋକ ଚାଲିଯାଏ । ସମସ୍ୟା, ଅଭାବ ଅସୁବିଧା, ଅନ୍ତରାୟ ଯାବତୀୟ ଜାଗତିକ କ୍ଲେଶ ଦୂର ହୋଇଯାଏ । ଅଭୀଷ୍ଟ ଫଳ, ଆୟୁ ପ୍ରାପ୍ତ ହୋଇଥାଏ । ମା'ମାନଙ୍କର ବିଶ୍ୱାସ ସନ୍ତାନଙ୍କୁ ମୁଣ୍ଡନ କରି ଜଗଜ୍ଜନନୀଙ୍କ ପାଦତଳେ ପକାଇଲେ ସନ୍ତାନ ବୀର୍ଯ୍ୟଶାଳୀ ଓ ଚିରାୟୁ ହୋଇଥାଏ । ମାତୃ ଦୟାରୁ ସେ ଜୟୀ ଓ ଯଶସ୍ୱୀ ହୋଇଥାଏ ମଧ୍ୟ । ଦୀନ ଶରଣାଗତର ପରିତ୍ରାଣ ଦିଗରେ ତାରାତାରିଣୀ ହିଁ ସର୍ବ ସୁଖକରୀ, ନିତ୍ୟାନନ୍ଦକରୀ, ବରାଭୟକରୀ, ସୌନ୍ଦର୍ଯ୍ୟ ରତ୍ନାକରୀ, ପ୍ରତ୍ୟକ୍ଷ ମାହେଶ୍ୱରୀ ଦେବୀ । ସନ୍ତାନ ଜନ୍ମ ପରେ ମା' ତାରାତାରିଣୀଙ୍କୁ ମହାଦୁଃଖ ହରଣ ନିମିତ୍ତ ନିବେଦନ କରିଥାଏ । ମାଆଙ୍କ ପୀଠରେ ପ୍ରଥମ ସ୍ୱନକ୍ଷତ୍ର ବାସରରେ ମୁଣ୍ଡନ କରାଇ ଆଶିଷ ଭିକ୍ଷା କରିଥାଏ ମାଆ । ପାଖରେ ଥାଉ ବା ଦୂରରେ ଥାଉ ରାଜ୍ୟଭିତରେ ଥାଉ ବା ରାଜ୍ୟ ବାହାରେ ଥାଉ ଏପରିକି ଦେଶ ବିଦେଶରୁ ମଧ୍ୟ ପ୍ରଥମ ସନ୍ତାନର ମୁଣ୍ଡନ ପାଇଁ ଦମ୍ପତି ଏଠାକୁ ଆସିଥାନ୍ତି । ବିଶେଷ କରି ଗଂଜାମ ସଂସ୍କୃତି ଧର୍ମୀୟ ପରମ୍ପରାରେ ତାରାତାରିଣୀଙ୍କ କରୁଣା ପ୍ରତି ଆସ୍ଥା ନିବିଡ଼ ଓ ପ୍ରଗାଢ଼ – ଭକ୍ତଙ୍କର । ଆଗେ ଏଠାରେ ସନ୍ତାନଙ୍କ କଲ୍ୟାଣ ସୁଖ ସମୃଦ୍ଧି ଲାଗି ମାନସିକ ଛାଗବଳି ପ୍ରଚଳିତ ଥିଲା । ସଂସ୍କାରକାମୀ ଭକ୍ତଙ୍କ ପ୍ରଚେଷ୍ଟାରେ ଶିକ୍ଷାର ପ୍ରସାର ଯୋଗୁଁ ଜନ ସହଯୋଗ ସମର୍ଥନରେ ଆଉ ବଳିଦାନ ଜୀବହତ୍ୟା ଜଘନ୍ୟ ପ୍ରଥା ପରିଦୃଷ୍ଟ ହେଉନାହିଁ । ପାଚିଲା ଫଳ ରମ୍ଭା ନାରୀକେଳ ଅମୃତ ମଣୋହି ସହ ପ୍ରପାନକ ଭୋଗ ନୈବେଦ୍ୟ ଦେବୀଙ୍କୁ ନିବେଦିତ ହେଉଛି । ପୀଠରେ ଭକ୍ତବୃନ୍ଦ ଜାଳୁଛନ୍ତି କାମନା ପୂରଣ ଚିନ୍ତନରେ ଚାରୁ ପ୍ରଦୀପମାଳା । ବିଶେଷତଃ ଚୈତ୍ରମାସ ମଙ୍ଗଳବାର ଓ ସଂକ୍ରାନ୍ତିମାନଙ୍କରେ ମା'ଙ୍କ ପୀଠ ଲୋକାରଣ୍ୟ ହୋଇ ଉଠୁଥାଏ ।

ତାରାକକ୍ଷ ପାହାଡ଼ ପୂର୍ଣ୍ଣଗିରି ପୁଣି ରତ୍ନଗିରି ପାହାଡ଼ ନାମରେ ମଧ୍ୟ ପରିଚିତ । ନଦୀ ତୀରର ମନୋଜ୍ଞ ପ୍ରକୃତି ମଧ୍ୟରେ ପ୍ରତିଷ୍ଠିତ ଏହି ପୀଠରେ ପହଞ୍ଚିବା ପାଇଁ ସହସ୍ର ପାହାଚ ଅତିକ୍ରମ କରିବାକୁ ପଡ଼ିଥାଏ । ଦ୍ରୁମରାଜିର ସୁଶୀତଳ ଛାୟା ଦେଇ ପକ୍କା ରାସ୍ତାରେ ଭକ୍ତ ଶିଖରୀ ଶିଖରେ ଉପନୀତ ହୋଇ ସର୍ପିଳ ଗତିଶୀଳା ଋଷିକୁଲ୍ୟାର ଧାବମାନ ଜଳ ପ୍ରବାହକୁ ଉପଭୋଗ କରିବାରେ ନୈସର୍ଗିକ ସୁଖ ଉପଭୋଗ କରିଥାଏ । ଦୂରବୀକ୍ଷଣ ଯନ୍ତ୍ର ଦର୍ଶନ ପଥରେ ଚକ୍ଷୁ ଭରି ପାରାବାରର ନୀଳିମା ସୁଷମା ଅନୁଭବ ଅନ୍ତର୍ଭୁକ୍ତ କରିବାରେ ସମର୍ଥ ହୋଇଥାଏ । ତଳେ ଜନବସତିର ଦୃଶ୍ୟାବଳୀ ସର୍ବ ସୁଖଦାୟକ କହିବା ବାହୁଲ୍ୟ । ସଂପ୍ରତି ରଜ୍ଜୁପଥରେ ଦର୍ଶନ ଦୋଳିରେ ବସି ଶୂନ୍ୟତା ଭିତରେ ଗତି କରି ପୁଲକ ସଂଚୟ କରେ । ପକ୍କା ସଡ଼କ ରାସ୍ତାରେ ଉପରକୁ ଉଠିବାବେଳେ ବୃକ୍ଷରାଜିର ଶୀତଳ ଛାୟା ସୁଖଦାୟକ ।

ତାରାକକ୍ଷ ପୂର୍ଣ୍ଣଗିରି ପାହାଡ଼ ପାଖରେ ରହିଛି ପୁଷ୍ପଗିରି ଖଣ୍ଡଶୈଳ । ଏହା ଏକ ସୁନ୍ଦର ଗୁମ୍ଫା ସହିତ ଶିବ ଆରାଧନା ପୀଠକୁ ନେଇ ଐତିହ୍ୟ ଶୁଣାଇବାକୁ ସତେକି ଦଣ୍ଡାୟମାନ । ସମୟ ଥିଲା ଏହି ଗୁମ୍ଫାରେ ବୌଦ୍ଧଭିକ୍ଷୁମାନେ ସାଧନାରତ ଥିଲେ । ଅହିଂସା ଓ ଶାନ୍ତିର ବାର୍ତ୍ତା ଜନସମାଜକୁ ଦେଉଥିଲେ ।

ତାରାକକ୍ଷ ପାହାଡ଼ ଯାହା ପୂର୍ଣ୍ଣଗିରି ଅଥବା ରତ୍ନଗିରି ନାମରେ ଅଭିହିତ ତାହା ଦିନେ ତାରା ତାରିଣୀଙ୍କର ନିବାସସ୍ଥଳୀ ଗୌରବମୟ ଶକ୍ତି ପୀଠ ଥିଲା । ଯିଏ କି କଳିଙ୍ଗ ସମ୍ରାଟ ଭାବରେ ଇତିହାସର ଅନ୍ତରାଳରେ ଲୁଚି ଯାଇଛନ୍ତି- ସେହି କଳିଙ୍ଗ ସମ୍ରାଟଙ୍କ ଆରାଧ୍ୟା ଦେବୀ ଥିଲେ ତାରା ତାରିଣୀ । ରାଜ୍ୟ ଲିପ୍ସୁ ରକ୍ତ ପିପାସୁ ଚଣ୍ଡାଶୋକ ଧଉଳି ପାହାଡ଼ ତଳେ ନୁହେଁ ତାରାକକ୍ଷ ପାହାଡ଼ ପାଦଦେଶରେ ହିଁ ଭୟାବହ କଳିଙ୍ଗ ଯୁଦ୍ଧର ସମ୍ମୁଖୀନ ହୋଇଥିଲେ । ଏହା ଅଧିକ ବିଶ୍ୱସନୀୟ । କାରଣ କଳିଙ୍ଗ ସାମ୍ରାଜ୍ୟର ରାଜଧାନୀ ପାରଳାଖେମୁଣ୍ଡି ନିକଟରେ କଳିଙ୍ଗ ନଗର (ମୁଖଲିଙ୍ଗମ୍) ଠାରେ ଥିଲା ।

ସ୍ୱ ମାଟି ସମ୍ମାନାଭିଳାଷୀ କଳିଙ୍ଗବୀରଙ୍କ ରଣହୁଙ୍କାରରେ ରଣକ୍ଷେତ୍ର ଝଲସି ଉଠିଥିଲା । ଆଜି ରଣଝଳି ଗାଆଁ ତା'ର ମୂକସାକ୍ଷୀ । ଅସମର୍ଥିତ ଐତିହାସିକ ସ୍ମୃତି ବହନ କରି ଋଷିକୁଲ୍ୟା କୂଳରେ ସ୍ୱରୂପ ପ୍ରକଟ କରୁଛି । ବାଇଶିଶହ ବର୍ଷ ତଳର ଅତୀତକୁ ଟାଣିନେଉଛି ଦର୍ଶକଙ୍କୁ । ସେଦିନ ସ୍ୱାଧୀନ କଳିଙ୍ଗବାସୀଙ୍କ ଯୋଦ୍ଧୃପଣ ଏବଂ ଆବାଳବୃଦ୍ଧବନିତାଙ୍କ ସମରକ୍ଷେତ୍ରରେ ଅବତୀର୍ଣ୍ଣ ହେବା ଅତ୍ୟନ୍ତ ବିସ୍ମୟକର ଘଟଣା ଥିଲା । କଳିଙ୍ଗ ସେନାରେ ସାମିଲ ହୋଇଥିଲେ କାଳିଙ୍ଗୀ ବାହିନୀ (କାଳିଞ୍ଜି), ଦଳପତି (ଦଳୁଆ) ଓ ବଳ ଅସି ବାହିନୀ ପରି ପ୍ରସିଦ୍ଧିବହ କଳିଙ୍ଗ ବୀର ସେନାନୀ । ସମସ୍ତଙ୍କର ଲକ୍ଷ୍ୟ ଥିଲା ଏଇ ସ୍ୱାଧୀନ ମାଟିର ସ୍ୱାଭିମାନ ସୁରକ୍ଷା । ଦେଶପ୍ରୀତି ଥିଲା- ଅତୁଳ ଓ ଅନିର୍ବଚନୀୟ । ମଗଧର ବିଶାଳ ସୈନ୍ୟବାହିନୀ ଓ କଳିଙ୍ଗ ସମ୍ରାଟଙ୍କ ଅଦମନୀୟ ସେନାନୀ ଋଷିକୁଲ୍ୟା ତଟସ୍ଥ ରଣଝଳି ଗ୍ରାମର ଉପକଣ୍ଠରେ ଥିବା ବିସ୍ତୃତ ସମର କ୍ଷେତ୍ରରେ ପରସ୍ପର ମୁହାଁମୁହିଁ ହୋଇଥିଲେ । ଆଜି ସେହି ରଣଝଳି ଭୂମିର ରଣ ପ୍ରାଙ୍ଗଣ ଶସ୍ୟ ଶ୍ୟାମଳ ବିଲମାଳରେ ପରିଣତ ହୋଇଛି । ଯୁଦ୍ଧ ବାସ୍ତବିକ ଭୟଙ୍କର ଓ ଐତିହାସିକ ଥିଲା । ଲକ୍ଷାଧିକ ଲୋକ ନିହତ ହେଲେ । ଲକ୍ଷ ଲକ୍ଷ ଆହତ ହେଲେ । ଅଗଣିତ ସୈନ୍ୟ ବନ୍ଦୀ ହେଲେ । ବିଧବାମୟ ହେଲା ରାଜ୍ୟ । ସମୃଦ୍ଧ ବୀର କଳିଙ୍ଗ ଛାରଖାର ହୋଇଗଲା । କିନ୍ତୁ ତାରାକକ୍ଷ ପାହାଡ଼ର ଦହିହାଣ୍ଡି ଶିଖର ଦେଶରୁ କଳିଙ୍ଗ ଯୁଦ୍ଧର ଭୟାବହତା ଓ ବୀଭତ୍ସ ଦୃଶ୍ୟପଟ୍ଟ ସନ୍ଦର୍ଶନରେ ବିସ୍ମିତ ବିବ୍ରତ ଓ ବିଷଣ୍ଣ ହୋଇପଡ଼ିଲେ ମଗଧ ଭୂପତି ଅଶୋକ । ବିଶ୍ୱ ଇତିହାସ ଖ୍ୟାତ ଅଶୋକ । ତାରାକକ୍ଷ (ପୂର୍ଣ୍ଣଗିରି) ପାହାଡ଼ ନିକଟସ୍ଥ ପୁଷ୍ପଗିରି ପାହାଡ଼ରେ ବସି ବିଜନ ମୁହୂର୍ତ୍ତରେ ଅନୁଶୋଚନା କଲେ । ପୁଷ୍ପଗିରିସ୍ଥ ସାଧକ ବୌଦ୍ଧ ତପସ୍ୱୀଙ୍କ ସଂପର୍କରେ ଆସିଲେ । ସବୁଦିନ ପାଇଁ ଅସ୍ତ୍ର ତ୍ୟାଗ କଲେ । ଅହିଂସା ଓ ସତ୍ୟର ବିଜୟ ବାଣୀ ଦୀକ୍ଷା ସ୍ୱରୂପ ନେଇ ଶାନ୍ତିର୍ବଚନର ପ୍ରଚାର ଓ ପ୍ରସାରରେ ମନୋନିବେଶ କଲେ । ଶିଳାତୀର୍ଥ ଖପିଳଙ୍ଗ ଜଉଗଡ଼ ଠାରେ ଲେଖିଗଲେ ସତ୍ୟ ଅହିଂସା କରୁଣା ପ୍ରେମ ମମତା ମୈତ୍ରୀର ମାର୍ମିକ ଆବେଗମୟ ଭାଷା । ପ୍ରଜାଙ୍କ ଲାଗି ମାନବ ଧର୍ମୀୟ ଅନୁଶାସନ ଶିଳା ସନ୍ଦେଶ । ଏବେ ମଧ୍ୟ ଜଉଗଡ଼ ପାହାଡ଼ ପାଷାଣ ପ୍ରାକୃତିକ ପ୍ରାଚୀରରେ ଉପଲବ୍ଧ ଅକ୍ଷତ ଭାବରେ ଅନୁଶାସନାବଳୀ ଦୃଷ୍ଟିଗୋଚର ହୋଇ ବିଶ୍ୱ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି ବୀର କଳିଙ୍ଗ ଭୂମିକୁ । ଦେଉଛି ଶୌର୍ଯ୍ୟର ପ୍ରମାଣ, ଶାନ୍ତିର ବାର୍ତ୍ତା । ଦେଉଛି ସହୃଦୟର ପ୍ରଚ୍ଛନ୍ନ ପ୍ରଣାମ ।

ନାହାନ୍ତି ଆଜି କଳିଙ୍ଗ ସମ୍ରାଟ । ଫେରିଯାଇଛି ମଗଧାଧିପତି ଧର୍ମାଶୋକର ନୂତନ ପରିଚୟ ନେଇ । କିନ୍ତୁ ରହିଛି ସେହି ତାରାକକ୍ଷ ପାହାଡ଼- ଯେଉଁ ଦହିହାଣ୍ଡି ଶୃଙ୍ଗଭୂମିରେ ଆଜି ତାରାତାରିଣୀ ପୂଜା ପାଆନ୍ତି । ତାରାତାରିଣୀ ମନ୍ଦିର ଏକ ସୁପ୍ରତିଷ୍ଠିତ ଶକ୍ତିପୀଠର ପର୍ଯ୍ୟଟନ ସୁଖଦ କେନ୍ଦ୍ରଭିତ୍ତିକ ଆକର୍ଷଣୀୟ ପରିଚୟ ବହନ କରି ଦୂରରୁ ଦୃଷ୍ଟି ପଥାରୁଢ଼ ହେଉଛି । ଭକ୍ତମାନଙ୍କ ହୃଦୟରେ ଅଟଳ ଓ ଅପାର ଧର୍ମୀୟ ଆସ୍ଥା, ବିଶ୍ୱାସ କେଉଁ କାଳରୁ ଅତୁଟ ହୋଇ ରହି ଆସିଛି ।

କଳିଙ୍ଗ ରାଜା କୁଆଡ଼େ ଗଲେ ଇତିହାସ ଜାଣିଲାନି, ମଗଧ ସମ୍ରାଟ ଅଶୋକ ଶାନ୍ତି ବାର୍ତ୍ତା ଆବଞ୍ଚନାର୍ଥେ ନୂତନ ଦିବ୍ୟ ମାର୍ଗ ବାଛିନେଲେ । କିନ୍ତୁ ଏପରି ଜଘନ୍ୟ ପ୍ରଜା ସଂହାର ଦୃଶ୍ୟପଟରେ କଳିଙ୍ଗ ସମ୍ରାଟଙ୍କ ସୀମା ସ୍ଥଳ ଅଧିଷ୍ଠିତା ଆରାଧ୍ୟା ତାରା ତାରିଣୀ ଦେବୀ ନିଜ ସାମ୍ରାଜ୍ୟବାସୀ ଭକ୍ତଙ୍କୁ ରକ୍ଷା କରିନପାରି ଅକଥନୀୟ ଅନୁଶୋଚନାରେ ତାରାକକ୍ଷ ପାହାଡ଼ର ଦହି ହାଣ୍ଡି ଶିଖରରୁ ଅନ୍ତର୍ହିତ ହୋଇ ପଡ଼ିଥିଲେ । ସେହି ଦିନରୁ ଶକ୍ତି ଶୂନ୍ୟ ହୋଇଗଲା ତାରା କକ୍ଷ ପାହାଡ଼ । ସେହି ଶିଖର ଦେଶରେ ପୁନଃ ଜଗଜ୍ଜନନୀ ପ୍ରବଳ ଶକ୍ତି ସ୍ୱରୂପିଣୀ ତାରାତାରିଣୀ କେଉଁ ପରିସ୍ଥିତିରେ ସିଂହାସନାରୂଢ଼ା ହେଲେ ଏହି ପରିପ୍ରେକ୍ଷୀରେ ତା'ର ସମ୍ୟକ୍ ବିବରଣୀ ସୁପ୍ରତିଷ୍ଠିତ ଜନଶ୍ରୁତି ଆଧାରରେ ଉପସ୍ଥାପନ ସ୍ୱଳ୍ପ ଶବ୍ଦରେ କରିବାକୁ ଲେଖକ ଉପାଦେୟ ମନେ କରୁଛି ।

ଏକଦା ବସୁ ପ୍ରହରାଜା ଅଗ୍ନିଷ୍ଟୋମ ଓ ଶରତ ବାଜପେୟ ଯଜ୍ଞ ମହାସମାରୋହରେ କରିବାକୁ ମନସ୍ଥ କରିଥିଲେ । ଏହି ଯଜ୍ଞ ଏପରି ବ୍ୟୟବହୁଳ ଥିଲା- ଯାହାର ଅନ୍ନ ଯଜ୍ଞ ବିଭାଗର ପରିଚାଳନା ପାଇଁ ଡାଲି ଫୁଟଣକୁ ବାଇଶି ଭରଣ ଜୀରା (ପ୍ରାୟ ପଚାଶ କ୍ୱିଣ୍ଟାଲ) ଆବଶ୍ୟକ ପଡ଼ିଥିଲା । ବଦାନ୍ୟ ରାଜନ୍ୟମଣ୍ଡଳୀଙ୍କ ପାଖକୁ ଅନ୍ନବ୍ୟଞ୍ଜନ ପ୍ରସ୍ତୁତି ତାଲିକା ବସୁ ନେଇ ଯେବେ ଯାଆନ୍ତି ସମସ୍ତେ ତଟସ୍ଥ ଓ ଅସମର୍ଥ ହୋଇ ପଡ଼ିଥିଲେ ଦାନ ସହଯୋଗାର୍ଥେ । କାରଣ ଡାଲି ଫୁଟଣର ଜୀରା ପରିମାଣ ଯଦି ଏତେ ଅଧିକ ଅନ୍ୟାନ୍ୟ ଶସ୍ୟ ବସ୍ତୁପୂଜା ଆଦି ଉପକରଣର ଆବଶ୍ୟକତା କଳନାତୀତ ଥିଲା । ପରିଶେଷରେ ଯଜ୍ଞ ଆୟୋଜନ ଲାଗି ସଂକଳ୍ପବଦ୍ଧ ବସୁ ପ୍ରହରାଜ ମାନବ ଉପରେ ଆଶ୍ରୟ ଓ ଆଶା ନ କରି ଈଶ୍ୱରଙ୍କ ଠାରେ ପୂର୍ଣ୍ଣ ବିଶ୍ୱାସ ଓ ଆସ୍ଥା ସାନ୍ତର ସାଦର ରଖି ଯଜ୍ଞକାର୍ଯ୍ୟକୁ ଅନ୍ତତଃ କାୟିକ ମାନସିକ ବାଚନିକ ସମର୍ଥନ ଦେଇ ଯଜ୍ଞସ୍ଥଳରେ ରାଜୋଚିତ ଆଡ଼ମ୍ବର ପଟୁଆରରେ ଉପସ୍ଥିତ ରହିବା ଲାଗି ଅଷ୍ଟଦୁର୍ଗର ଭୂପତିଙ୍କ ସହ ପଡ଼ୋଶୀ ରାଜ୍ୟର ନୃପବରବୃନ୍ଦଙ୍କୁ ନିବେଦନ କଲେ ଏବଂ ନିଜେ ଘୁମୁସରାଧିପତି ଭଞ୍ଜଙ୍କୁ ନିମନ୍ତ୍ରଣ ଦେବାଲାଗି କୁଲାଡ଼ ଗମନ କଲେ । ରାଜବିଧାନୋଚିତ ନିମନ୍ତ୍ରଣ ପ୍ରଦାନ କରି ସ୍ୱଗ୍ରାମ ଖରିଡ଼ା ଜଗନ୍ନାଥପୁର ଶାସନ ଅଭିମୁଖେ ପ୍ରତ୍ୟାବର୍ତ୍ତନ ଯାତ୍ରୀ ହେଲେ । ଆଠଗଡ଼ ଓ ଘୁମୁସର ସୀମାନ୍ତସ୍ଥ ଶୈଳଖଣ୍ଡ ଅରଣ୍ୟାନି ସଂକୁଳ ଦୁର୍ଗମ ପଥରେ ଫେରିବାକୁ ପଡୁଥିଲା । ଅଷ୍ଟଦୁର୍ଗ ମୂଳକର ସୁଖ୍ୟାତ ଅସ୍ତାଚଳ ମନ୍ଦାର ଶିଖରୀମାଳାର ଶିଖର ଦେଶରେ ବିକର୍ତ୍ତନ ବିକର୍ତ୍ତିତ ହୋଇ ଅସ୍ତ ଯାଉଥିଲେ । ଲୋହିତ ମନୋଜ୍ଞ କୋମଳ ରଶ୍ମି ବିଚ୍ଛୁରିତ ହୋଇ ପଡୁଥିଲା – ବୃକ୍ଷଲତା ବେଷ୍ଟିତ ରମଣୀୟ ଅଖଣ୍ଡ ପ୍ରାକୃତିକ ଅଭିରୂପମୟ ନିସର୍ଗ ସଂଗଠିତ ଚିତ୍ରପଟ୍ଟରେ ସହସା ବସୁଙ୍କ ଦୃଷ୍ଟିଗୋଚର ହେଲେ ଶିଳା ଶଯ୍ୟା ଉପରେ ଅଲୌକିକ ରୂପ ମାଧୁରୀ ସଂପନ୍ନା କିଶୋରୀ ଯାମଳ ଭଗିନୀ । ସେମାନଙ୍କ ମୁଖମଣ୍ଡଳରୁ ଅପୂର୍ବ ଜ୍ୟୋତି ନିର୍ଗତ ହେଉଥିଲା । ସେମାନେ ଅତ୍ୟନ୍ତ ସୁପ୍ରସନ୍ନ ଓ ଦେବୀ ସମ ସୁନ୍ଦର ଥିଲେ । ମୁକୁଳିତ କେଶରେ ଭଗିନୀ ଦ୍ୱୟ ଉପବେଶନ କରିଥିଲେ । ବିଜନ ଭୂମିରେ ଏପରି ଅସମୟରେ କନ୍ୟାବେନିଙ୍କୁ ଦେଖି ବିସ୍ମିତ ଓ ଆନନ୍ଦିତ ହୋଇପଡ଼ିଲେ । ସାଥୀରେ ଥିବା କାଳୁ ଭଣ୍ଡାରୀ କେବଳ ସ୍ତମ୍ଭୀଭୂତ ହୋଇ ଚାହିଁ ରହିଥିଲା । ଗୋସାଇଁ ମହାପ୍ରଭୁ ବସୁ ପ୍ରହରାଜଙ୍କ ପ୍ରତିକ୍ରିୟା ଲକ୍ଷ୍ୟ କରୁଥିଲା ।

ବସୁ ପ୍ରଶ୍ନ କଲେ- 'ତୁମେ କିଏ ? ଏହି ନିର୍ଜନ ବେଳାରେ ଏକାକିନୀ କାହିଁକି ବସିଛ ?' କନ୍ୟାଦ୍ୱୟ ଉତ୍ତର ଦେଲେ- 'ଆମେ ତାରାତାରିଣୀ' କୁଲାଡ଼ ରାଜଭବନରେ ଆପଣ ନିମନ୍ତ୍ରଣ ଭଞ୍ଜ ରାଜାଙ୍କୁ ଦେଇଥିଲେ- ଅଗ୍ନିଷ୍ଟୋମ ଓ ଶରତ୍ ବାଜେପେୟ ଯଜ୍ଞ ଦେଖି ଆସିବାକୁ । କଳିଯୁଗରେ ଏପରି ଯଜ୍ଞାନୁଷ୍ଠାନ କରିବାକୁ ଯାଉଛନ୍ତି- ବସୁ ପ୍ରହରାଜ, ଆମ୍ଭମନରେ ଆନନ୍ଦ ଓ କୌତୂହଳ ଜାତ ହେଲା । ଆମ୍ଭେ ଆପଣଙ୍କୁ ଅନୁଧାବନ କରି ଆସିଛୁ । କ୍ଳାନ୍ତ ହୋଇ ବସି ପଡ଼ିଥିଲୁ । ଆପଣ ଓ କାଳୁଙ୍କୁ ଦେଖି ଏବେ ସୁଖୀ ହେଲୁ । ଆପଣଙ୍କ ଗୃହକୁ ଯିବାକୁ ବର୍ତ୍ତମାନ ପ୍ରସ୍ତୁତ, ଆମ୍ଭେ ବସୁଙ୍କ ଯଜ୍ଞ ଦେଖିବୁ ।'

ବସୁ ପ୍ରହରାଜଙ୍କ ସହ ଆସିଲେ ତାରା ତାରିଣୀ ସେଦିନ ବସୁଗୃହକୁ । ପରମ ଆନନ୍ଦିତ ହୋଇ ପଡ଼ିଥିଲେ ବସୁ ପ୍ରହରାଜ । ସେମାନେ ବସୁଙ୍କୁ ପିତୃତୁଲ୍ୟ ମନେ କରି ବସୁ ଗୃହରେ ଅବସ୍ଥାନ କଲେ ।

ପାଳିତା କନ୍ୟା ପରି ତାରା ତାରିଣୀ ଆଦୃତା ହେଲେ । ଲୋକ ଅଗୋଚରରେ ପିତୃ-କନ୍ୟା ସମ୍ବନ୍ଧ ନିବିଡ଼ ହୋଇ ପଡ଼ିଥିଲା । ସେମାନେ କନ୍ୟା ପରି ଯାତାୟତ କରୁଥିଲେ । ଅସ୍ୱାଭାବିକତା କିଛି ନଥିଲା । ଆଶ୍ଚର୍ଯ୍ୟର କଥା ତାରାତାରିଣୀଙ୍କ ଉପସ୍ଥିତିରେ ବସୁଙ୍କ ଯଜ୍ଞ ଅନୁଷ୍ଠାନ ସଂକଳ୍ପ କାର୍ଯ୍ୟକାରୀ ହେବାରେ ଆଦୌ ବାଧା ରହିଲା ନାହିଁ । ଅନିଶ୍ଚିତତା ଓ ଆଶଙ୍କା ବସୁ ହୃଦୟରୁ ଆପେ ଦୂରୀଭୂତ ହେଲା । ପଦାର୍ଥ ଉପକରଣ ଗୃହ ଆପେ ଆପେ ପୂର୍ଣ୍ଣ ହୋଇଗଲା ।

ଅଗ୍ନିଷ୍ଟୋମ ଓ ଶରତ ବାଜପେୟ ଉଭୟ ଯଜ୍ଞ ମହାସମାରୋହରେ ଯାବତୀୟ ବିଧି ବିଧାନ ମଧ୍ୟରେ ସମାହିତ ହେଲା । ନିର୍ବିଘ୍ନରେ ଯଜ୍ଞାନୁଷ୍ଠାନ ଶେଷ କରିଥିଲେ । ସଂଖ୍ୟାତୀତ ଶ୍ରଦ୍ଧାଳୁ ଜନତା ଅହୋରାତ୍ରି ଯଜ୍ଞ ପ୍ରସାଦ ଭୋଜନ କରି ତୃପ୍ତ ହୋଇ ଫେରି ଯାଉଥିଲେ । ଯାଚକମାନେ ଯାଚନା କରିବା ମାତ୍ରକେ ପୂର୍ଣ୍ଣକରରେ ଫେରି ଯାଉଥିଲେ । ସର୍ବସ୍ୱ ଦାନ କରିବାକୁ ଲାଗିଥିଲେ ବସୁ ପ୍ରହରାଜ । ଗଜପତି ରାଜା ପୁରୁଷୋତ୍ତମ ଦେବଙ୍କ ଠାରୁ ଆରମ୍ଭ କରି ଆଠଗଡ଼, ଧରାକୋଟ, ଖଲ୍ଲିକୋଟ ଘୁମୁସର ଇତ୍ୟାଦି ସେତେବେଳର ଦକ୍ଷିଣ ଓଡ଼ିଶାର ଅଠର ଗଡ଼ର ରାଜାମାନେ ସେହି ଯଜ୍ଞରେ ଉପସ୍ଥିତ ଥିବାର କପିଳେଶ୍ୱର ରଚନାବଳୀରୁ ଜଣାଯାଏ । ଶରତ ବାଜପେୟ ଯଜ୍ଞ ପୀଠରେ ବର୍ତ୍ତମାନ ଜଗନ୍ନାଥ ମୂର୍ତ୍ତି ଯଜ୍ଞନାରାୟଣ ବିଜେ କରିଥିବା ଓ ଅଗ୍ନିଷ୍ଟୋମ ପୀଠରେ କୂପ ପ୍ରତିଷ୍ଠିତ ହେବା ଏବଂ ଉଭୟ ପବିତ୍ର ପୀଠରେ ବସୁଙ୍କ ବଂଶଧରମାନେ ଅଧିବାସୀ ହୋଇ ବାସ କରୁଥିବା ତଥ୍ୟ ଉକ୍ତ ରଚନାବଳୀରେ ଉଲ୍ଲେଖ ରହିଛି ।

ଏହି ଅସାଧାରଣ ଯଜ୍ଞରେ ଦିନେ ସ୍ୱୟଂ ନାରାୟଣ କ୍ଷୁଧାର୍ତ୍ତ ବ୍ରାହ୍ମଣ ବେଶ ଧାରଣ କରି ଉପସ୍ଥିତ ହୋଇଥିଲେ । ବ୍ରାହ୍ମଣଙ୍କର ଭିକ୍ଷା ଥିଲା ଏକ ଗୁଆରସ କଳସୀ । ବସୁ ବ୍ରାହ୍ମଣଙ୍କୁ ଅନ୍ୟ କିଛି ଖାଦ୍ୟ ବ୍ୟଞ୍ଜନ ଭୋଜନ ଲାଗି ମାଗିବାକୁ କହିଥିଲେ ହେଁ ବ୍ରାହ୍ମଣଙ୍କର ଜିଦ୍ ଥିଲା ଏକ ପୂର୍ଣ୍ଣ ଗୁଆରସ କଳସୀ । ସେ ବସୁଙ୍କୁ କହିଥିଲେ ଗୁଆରସ ବ୍ୟତୀତ ସେ କିଛି ଭୋଜନ କରନ୍ତି ନାହିଁ । କାଳବିଳମ୍ବ ନକରି ଗୁଆରସ ଭେଜାନ ଦେବାର ବ୍ୟବସ୍ଥା ହେଉ- ନୋଚେତ୍ ସେ ଭୋକରେ ବସୁ ଯଜ୍ଞ ଶାଳାରୁ ଫେରିଯିବେ । ଚିନ୍ତାରେ ପଡ଼ିଯାଇଥିଲେ ବସୁ ପ୍ରହରାଜ । ବ୍ରାହ୍ମଣଙ୍କ ଗୁଆରସ ଭୋଜନ ଅଭିଳାଷ ପୂର୍ଣ୍ଣ କରିବାକୁ ହେଲେ ଯଥେଷ୍ଟ ଗୁଆ ସଂଗ୍ରହ କରିବାକୁ ହେବ । ଗୁଆ ପରି କଠିନ ବସ୍ତୁରୁ ରସ ଆହରଣ ହେବ ବା କିପରି ? ପୁଣି ଏକ ପୂର୍ଣ୍ଣ କଳସ ଗୁଆରସର ଆବଶ୍ୟକତା, ସ୍ୱ କାର୍ଯ୍ୟାଳୟରେ ମଥାବନତ କରି ବସିପଡ଼ିଲେ ବସୁ ପ୍ରହରାଜ । ଏପରି ଧର୍ମସଂକଟ ସମୟରେ ତାରା ତାରିଣୀ ନିର୍ଜନ ପ୍ରକୋଷ୍ଠରେ ପିତା ବସୁଙ୍କ ପାଖରେ ଉପସ୍ଥିତ ହୋଇ ଚିନ୍ତାର କାରଣ ବୋଧ କଲେ । ଯାଚକ ଗୁଆରସ ଭୋଜନ ନ କରି ଫେରିଗଲେ ଯଜ୍ଞ ଫଳ ଶୂନ୍ୟ ହୋଇପଡ଼ିବ କହିଲେ- ବସୁ ପ୍ରହରାଜ । କିନ୍ତୁ ତାରା ତାରିଣୀ ରୋଷେଇ ଘରେ ଏକ ପୂର୍ଣ୍ଣ ଗୁଆରସ କଳସୀ ମହଜୁଦ ଥିବା କଥା ଶୁଣାଇ କରି ରୋଷେଇ ଘରେ ପୂର୍ଣ୍ଣ ଗୁଆରସ କଳସୀକୁ ଆବିଷ୍କାର କଲେ ଓ ତତ୍‌କ୍ଷଣାତ୍ ବ୍ରାହ୍ମଣଙ୍କୁ ଭେଜାନ ଲାଗି ପରିବେଷଣ ନିଜେ କରିଥିଲେ । ଚମତ୍କାର ଦୃଶ୍ୟ ଦେଖିବାକୁ ପାଇଥିଲେ ବସୁ ପ୍ରହରାଜ । ବ୍ରାହ୍ମଣଙ୍କ ସ୍ଥାନରେ ସ୍ୱୟଂ ନାରାୟଣ ଠିଆ ହୋଇ ଆଶୀର୍ବଚନ ଶୁଣାଇ ଯଜ୍ଞ ସାଫଲ୍ୟ ଘୋଷଣା କରିଥିଲେ । ବସୁ ଓ ନାରାୟଣଙ୍କ ଭେଟ ଅତ୍ୟନ୍ତ ରୋମାଞ୍ଚକର ଥିଲା ।

ଯଜ୍ଞ ଶେଷରେ ଘର ଝିଅମାନେ ସେମାନଙ୍କ ପତି ଗୃହକୁ ପ୍ରତ୍ୟାବର୍ତ୍ତନ ଲାଗି ପ୍ରସ୍ତୁତ ହେଲେ । ବସୁ କାଚରାଙ୍କୁ ଡକାଇ ପଠାଇଲେ । ସମସ୍ତ ଝିଅ ଓ ବୋହୂଙ୍କୁ କାଚରା କାଚ ପିନ୍ଧାଇଲା । କାଚରା କାଚର ପଇସା ପୈଠ ନେଲାବେଳେ ହିସାବରେ ଚାରି ମୁଠା ଅଧିକ ଦାବି କଲା । ମାତ୍ର କାଚ ପିନ୍ଧିଥିବା ସ୍ତ୍ରୀମାନଙ୍କର ସଂଖ୍ୟା ବାରମ୍ବାର ଗଣନା କଲା ସମୟରେ ଦୁଇଜଣଙ୍କ କାଚ ଅଧିକ ଆସିବା କଥା ଜଣାପଡ଼ିଲା- କାଚରାର ଦାବି ଅନୁସାରେ ଆଉ କାହାକୁ ଅଧିକ ପିନ୍ଧାଇଲା ବୋଲି ଅନୁସନ୍ଧାନ ଚାଲିଲା । ବସୁ ଠାକୁର ଘର କବାଟ ଖୋଲିଲେ । ଦୁଇ ଭଉଣୀ ତାରା ତାରିଣୀ ସୁନ୍ଦର ପଞ୍ଚୁବର୍ଣ୍ଣୀ ଚାରିମୁଠା କାଚ ପିନ୍ଧି ବସିଛନ୍ତି ଓ ହସୁଛନ୍ତି । ତାରା ତାରିଣୀ ପିତା ବସୁ ପ୍ରହରାଜଙ୍କୁ ପ୍ରଶ୍ନ କରିଥିଲେ- "ସବୁ ଝିଅ ବୋହୂ ସମସ୍ତ ସ୍ତ୍ରୀ ଲୋକ କାଚ ପିନ୍ଧିଲେ- ଆମ୍ଭେ ଆପଣଙ୍କର ଝିଅ । ଆମ୍ଭେ କାଚ ନ ପିନ୍ଧିବୁ କିପରି । ଆପଣ ଘରର ସବୁ ଝିଅଙ୍କୁ ଯେପରି ସମ୍ମାନ ସସମ୍ଭାରେ ପତି ଗୃହକୁ ବିଦାୟ ଦେବେ ଆମ୍ଭର ବିଦାୟ ବ୍ୟବସ୍ଥା ଆପଣ କରନ୍ତୁ ।" ବସୁ ପ୍ରଶ୍ନ କଲେ- ତୁମ୍ଭେ ଯିବ କେଉଁଠିକି ??

ତାରା ତାରିଣୀ ଉତ୍ତର ଦେଲେ- ଋଷିକୁଲ୍ୟାର ଦକ୍ଷିଣ ତୀରରେ ଅବସ୍ଥିତ ତାରାକକ୍ଷ ପାହାଡ଼ । ମୁଁ ତାରା ବହୁଦିନ ହେଲା ମୋହର ପୀଠ ଛାଡ଼ି ଚାଲିଯାଇଥିଲି । ଦହିହାଣ୍ଡି ଶୃଙ୍ଗରେ ମୋହର ଆସ୍ଥାନ ଶୂନ୍ୟପଡ଼ିଛି – ମୋର ଏ ଭଉଣୀ ତାରିଣୀ ସହ ଚିରଦିନ ପାଇଁ ତାରାକକ୍ଷ ପାହାଡ଼ରେ ରହିବି । ତାରା ତାରିଣୀ ନାମରେ ଆମ୍ଭେ ବିଖ୍ୟାତ ହେବୁ କାଳ କାଳକୁ । ଆପଣ ବସୁ ପ୍ରହରାଜ ଆମ୍ଭର ପିତା ଭାବେ ଜନ ଜଗତରେ ସ୍ମରଣୀୟ ହୋଇ ରହିବେ ।

ତାରା ତାରିଣୀଙ୍କ ଇଚ୍ଛା ପୂର୍ଣ୍ଣ କଲେ ବସୁ ପ୍ରହରାଜ । କନ୍ୟା ତାରା ତାରିଣୀ ଶିଳା ମୂର୍ତ୍ତିରେ ବସୁଙ୍କ ଦିଅଁ ଘରେ ରୂପାନ୍ତରିତ ହୋଇଯାଇଥିଲେ । ବସୁ, କନ୍ୟାଙ୍କ ବିଦାୟ ଉତ୍ସବ ଆୟୋଜନ କଲେ । ଘଣ୍ଟ, ମୃଦଙ୍ଗ, ମର୍ଦ୍ଦଳ, କାହାଳୀ, ତୂରୀ ବାଜି ଉଠିଲା । ଲଳନାଙ୍କ କଣ୍ଠ ହୁଳହୁଳି ଶୁଭଧ୍ୱନିରେ ନିନାଦିତ ହେଲା ଖରିଡ଼ା ଧରଣୀ । ବିଶାଳ ଶୋଭାଯାତ୍ରା, ତାରା ତାରିଣୀଙ୍କର ଆରମ୍ଭ ହେଲା ଚୈତ୍ର ମାସ ପ୍ରଥମ ମଙ୍ଗଳବାର ଦିନ, ମୁଣ୍ଡମୟ ଦେଖାଗଲା ଚତୁର୍ଦ୍ଦିଗ । ଲୋକ ଅରଣ୍ୟ ହୋଇ ଉଠିଲା ତାରାକକ୍ଷ ପାହାଡ଼ ଆଡ଼କୁ ଲମ୍ବି ଯାଇଥିବା ରାସ୍ତା । ବସୁ ନିଜେ ତାରା ତାରିଣୀଙ୍କୁ ତାରାକକ୍ଷ ପାହାଡ଼ରେ ଦହିହାଣ୍ଡି ଶୃଙ୍ଗରେ ଆସୀନ କରାଇଲେ- ମନ୍ତ୍ର ଧ୍ୱନିର ପବିତ୍ର ଉଚ୍ଚାରଣରେ, ତାରାତାରିଣୀ ମା' ରୂପେ ସବୁଦିନ ପାଇଁ ବିଜେ ହୋଇ ତାରାକକ୍ଷ ପାହାଡ଼ରେ ରହିଲେ । ବସୁ କନ୍ୟାଙ୍କୁ ଯଥା ପୂଜା ଆରାଧନା ମଧ୍ୟରେ ସ୍ଥାପନ କରି ଖରିଡ଼ା ସ୍ୱଗୃହକୁ ଫେରିଲେ । ସେହିଦିନ ଠାରୁ ବସୁଙ୍କର ଘର ସ୍ତ୍ରୀମାନେ ପଞ୍ଚୁବର୍ଣ୍ଣୀ କାଚ ନ ପିନ୍ଧି ଶୁକ୍ଳ ଟୋପା ଥିବା କଳା କାଚ ପିନ୍ଧିବାର ପରମ୍ପରା ଗ୍ରହଣ କଲେ ।

ବସୁ ପ୍ରହରାଜ ଅଭୂତପୂର୍ବ ଯଜ୍ଞ ଅନୁଷ୍ଠାନ ସଂଗଠନରେ ସାଫଲ୍ୟ ଅର୍ଜନ ସକାଶେ ଦେବୀଙ୍କ ପାଖରେ ଯେଉଁ ପ୍ରଚ୍ଛନ୍ନ ଆଶାପୋଷଣ କରିଥିଲେ, ଫଳତଃ ନବ ବିଦ୍ୟୁ ଆଭା ଲକ୍ଷ୍ମୀ ସଦୃଶା ବେନି ଭଗିନୀଙ୍କର ଦର୍ଶନ ନେଇ ସ୍ତମ୍ଭୀଭୂତ ହୋଇଯାଇଥିଲେ । ସେମାନେ ହିଁ ଲକ୍ଷ୍ମୀ ରୂପରେ ଅଜାଡ଼ି ଦେଇଥିଲେ ଅଯାଚିତ ଐଶ୍ୱର୍ଯ୍ୟ ଡାଲି ଫୁଟଣ ଲାଗି ଆବଶ୍ୟକ ଥିବା ବାଇଶି ଭରଣ ଜୀରା ସହ ସମସ୍ତ ଉପାଦାନ ଓ ଉପକରଣ ଯଜ୍ଞ ଭଣ୍ଡାର ଶାଳାରେ ଭର୍ତ୍ତି କରୁଥିଲେ ତାରା ତାରିଣୀ ।

ପୁରାଣ କଥା ଅନୁସାରେ ସତୀ ଦକ୍ଷ ଯଜ୍ଞରେ ଆତ୍ମହୂତି ଦେଇଥିବା ବେଳେ ଶିବଙ୍କ କରରେ ବିଖଣ୍ଡିତ ହୋଇ ସ୍ତନ ଋଷିକୁଲ୍ୟା କୂଳ ତାରାକକ୍ଷ ପାହାଡ଼ର ଦହିହାଣ୍ଡି ଶିଖରେ ପଡ଼ିଥିଲା । ସ୍ତନପୀଠ ଭାବରେ ଏହି ପୀଠ ପରିଚିତ । ସ୍ତନ ଦ୍ୱୟ ତାରାତାରିଣୀ ଭାବରେ ପ୍ରକଟିତ । ଲୋକ ମୁଖରେ ତାରାତାରିଣୀଙ୍କ ସମ୍ବନ୍ଧରେ ଶୁଣାଯାଉଛି ଯେ ଥରେ ବଶିଷ୍ଠ ମୁନି ସ୍ତନ ପୀଠରେ ତାରାତାରିଣୀଙ୍କୁ ଆରାଧନା କରି ଅଭୀଷ୍ଟ ପୂରଣ କରିବାରେ ଅକ୍ଷମ ହୋଇଥିଲେ ଓ ସ୍ତନ ପୀଠ ଗୌରବ ନେଇ ଅହଂକାରିଣୀ ବୋଲି ଭର୍ତ୍ସନା କରି ଅଭିଶାପ ଦେଇଥିଲେ ଅପୂଜା ରହିବା ପାଇଁ । ତାରାତାରିଣୀଙ୍କ ଆବିର୍ଭାବ ଓ ବିନୟ ବଚନରେ ଶାପ ମୋଚନର ସୂଚନା ଦେଇଥିଲେ । "ବ୍ରାହ୍ମଣ କୂଳରେ ବସୁ ପ୍ରହରାଜ ଜନ୍ମ ନେବେ ଓ ତାରାତାରିଣୀ ତାଙ୍କର କନ୍ୟା ଭାବରେ ପାଳିତ ହେବେ । ବସୁ ପ୍ରହରାଜ ହିଁ ତାରା ତାରିଣୀଙ୍କୁ ପ୍ରତିଷ୍ଠିତ କରାଇ ଅପୂଜ୍ୟା ଦୋଷରୁ ମୁକ୍ତ କରି ଜଗତ ପୂଜ୍ୟ କରାଇବେ- ଦହି ହାଣ୍ଡି ପାହାଡ଼ ଶୃଙ୍ଗରେ ।"

ନରସିଂହ ମାଠଙ୍କ ରଘୁନାଥ କୀର୍ତ୍ତନରେ ଲେଖାଅଛି- ମହୀରାବଣ ରାମ ଲକ୍ଷ୍ମଣଙ୍କୁ ପାତାଳକୁ ଅପହରଣ କରି ନେଲା । ସୀତା ଏହି ବାର୍ତ୍ତା ଅସୁରୀମାନଙ୍କ ଠାରୁ ପାଇ ଅତି ଶୋକରେ ଅଶୋକବନରେ ରୋଦନ କଲେ । ସୀତାଙ୍କ ବେନି ଅଶ୍ରୁ ବିନ୍ଦୁରୁ ବେନି ଚଣ୍ଡୀ ଭୀଷଣ ରୂପ ବହନ କରି ଆବିର୍ଭୂତ ହେଲେ । ରାମ ଲକ୍ଷ୍ମଣଙ୍କୁ ଉଦ୍ଧାର କଲେ । ବିଂଶବାହୁ ସବଂଶ ବିନଷ୍ଟ ହେଲେ । ଲଙ୍କା ବିଜୟ ରାଘବ କଲେ । ସୀତା ଲଙ୍କା ବିଜୟ ପରେ ବେନି ଚଣ୍ଡୀ ଦେବୀଙ୍କୁ ଋଷିକୁଲ୍ୟା ନଦୀ ତୀରସ୍ଥ ତାରାକକ୍ଷ ପାହାଡ଼ର ଦଧିହାଣ୍ଡି ଶୃଙ୍ଗରେ ସଂସ୍ଥାପିତ କରାଇଥିଲେ । ସେହି ଦେବୀଦ୍ୱୟ ସଂକଟ ତାରିଣୀ ତାରା ତାରିଣୀ ନାମରେ ଖ୍ୟାତି ବହନ କରି ଗଞ୍ଜାମରେ ରାମାୟଣ ସମୟରୁ ପୂଜା ପାଇ ଆସୁଛନ୍ତି । କବି ନରସିଂହ ମାଠଙ୍କ ଭାଷାରେ-

"ହୋଇଲା ମୋର ଦୁଃଖ ଲୋତକୁ ଜନ୍ମ ତୁମ<br>
ଦେଲଇ ତୋଷେ ହେ ତାରା ତାରିଣୀ ନାମ,<br>
ରଖିଲ ସ୍ୱାମୀଙ୍କୁ ମୋ ସଙ୍କଟ ତାରି ଦେଲେ,<br>
ସଙ୍କଟ ତାରିଣୀ ତୁମ୍ଭେ ବୋଲାଅ କାଳେ କାଳେ ।"

ସେହି ତାରା ତାରିଣୀ ହିଁ ଆଜି ତାରାକକ୍ଷ ପାହାଡ଼ ଶିଖର ସ୍ଥଳରେ ଭକ୍ତାଭୀଷ୍ଟ ପୂର୍ଣ୍ଣ କରି ଚାଲିଛନ୍ତି- ଚାରିଶହ ବର୍ଷର ଇତିହାସ ନେଇ । କି ଶିକ୍ଷିତ, କି ଅଶିକ୍ଷିତ ସମସ୍ତେ କଥିତ ଅଞ୍ଚଳରେ ମାଆଙ୍କ କରୁଣା ଆଶ୍ରୟ ଓ ଅଭୀଷ୍ଟ ପୂରଣ ଆଶାୟୀ । ଆଜି ତାରାତାରିଣୀ ପୀଠର ଅନେକ ଉନ୍ନତି ସାଧିତ ହୋଇଚାଲିଛି- ଉନ୍ନୟନ ପରିଷଦଙ୍କ ଉନ୍ନତ ପରିଚାଳନାରୋ- ଦୂରଦୃଷ୍ଟି ସଂପନ୍ନ ମହାନ୍ ସଂଗଠନରେ, ପ୍ରଶାସନର ସହଯୋଗ ହାତ ମଧ୍ୟ ଲମ୍ବିଛି ମା'ଙ୍କ ପୀଠର ଉନ୍ନତିକରଣରେ । ଗଣମାଧ୍ୟମ ବନ୍ଧୁଗଣ ମାଆଙ୍କ ମହିମା ଓ ପୀଠର ଆକର୍ଷଣ ବିଶେଷତ୍ୱ ବର୍ଣ୍ଣନା କରିଚାଲିଛନ୍ତି ସ୍ୱ ସ୍ୱ କ୍ଷମତା ପରିସରରେ ।

ଏକଦା ପୁରୁଷୋତ୍ତମପୁର ଥାନା ଅଧିକାରୀ ଅଭିମନ୍ୟୁ ପ୍ରଧାନ ପାଦରୁ ଶିଖଯାଏଁ ପକ୍କା ପିଚୁ ରାସ୍ତା, କଳ ପାନୀୟ ଜଳ ଯୋଗାଣ ଓ ବିଦ୍ୟୁତ୍ ବ୍ୟବସ୍ଥା କରି ସ୍ମରଣୀୟ ଅଛନ୍ତି । ଭକ୍ତ ଶିରୋମଣି ଚିଟି ରାମେୟା ନ ଶହ ଅନେଶ୍ୱତ ପାବଚ୍ଛ ତାରାତାରିଣୀଙ୍କ ଇଚ୍ଛା ଓ ଆଶୀର୍ବାଦରେ ନିର୍ମାଣ କରିଥିବା କଥା ଜନଶ୍ରୁତିରେ ରହିଛି ।

ତାରାତାରିଣୀ ପୀଠ କେବଳ ଏକ ଆଧ୍ୟାତ୍ମିକ ଆକର୍ଷଣ ବିଭବର ପୀଠ ନୁହେଁ- ଏହାର ପ୍ରାକୃତିକ ଦୃଶ୍ୟ ବହୁଳ ସଂସ୍ଥିତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ସର୍ବ ଯୋଗ୍ୟତା ସଂପନ୍ନ ପ୍ରକୃଷ୍ଟ କ୍ଷେତ୍ର । ଆର୍ଥିକ ସ୍ଥିତି ସୁଧାରିବାରେ ପର୍ଯ୍ୟଟନ ଶିଳ୍ପକୁ ପ୍ରାଧାନ୍ୟ ଓ ମାନ୍ୟତା ଦିଆଯାଉଥିବା ସ୍ଥଳେ ଏହାକୁ ପର୍ଯ୍ୟଟନ କ୍ଷେତ୍ର ଘୋଷଣାରେ ସ୍ଥାନୀୟ ଜନସାଧାରଣଙ୍କ ଅର୍ଥ ସ୍ୱଚ୍ଛଳତା ରକ୍ଷାରେ ତାରାତାରିଣୀ ପୀଠ ଯେ ସହାୟକ ହେବ ଏହା କହିବା ବାହୁଲ୍ୟ ମାତ୍ର । ବର୍ତ୍ତମାନ ତାରାତାରିଣୀଙ୍କ ନବନିର୍ମିତ ସୁଦୃଶ୍ୟ ଭବ୍ୟ ମନ୍ଦିର ଭକ୍ତମାନଙ୍କୁ ଦୂରଦୂରାନ୍ତରୁ ଆକର୍ଷିତ କରୁଛି । ଏହି ପୀଠର ଅଦ୍ଭୁତ ଉନ୍ନତି ଦର୍ଶନରେ ପ୍ରାଣ ଉଲ୍ଲସିତ ହୋଇ ଉଠୁଛି- ଦ୍ରୁମ ବହୁଳ ବଙ୍କିଳ ଉନ୍ନତ ପଥରେ ବାରବାର ଯିବାକୁ ଜନମନ ବ୍ୟାକୁଳ ହେଉଛି ।

*ଲୁଣିଘାଟୀ, ଗୋପୀନାଥପୁର ଶାସନ*
*ପୋଲସରା, ଗଂଜାମ*
*ମୋ : ୮୭୬୩୪୭୪୩୮୮*

## ୧୬,୨୬୨ କୋଟି ଟଙ୍କାର ନୂଆ ବ୍ୟବସାୟ ପ୍ରିମିୟମ୍ ହାସଲ କରିଛି ଏସ୍‌ବିଆଇ ଲାଇଫ୍

ଭୁବନେଶ୍ୱର: ଦେଶର ଅଗ୍ରଣୀ ଜୀବନ ବୀମା କଂପାନି ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସ ୨୦୨୩ ସେପ୍ଟେମ୍ବର ୩୦ ସୁଦ୍ଧା ଶେଷ ତ୍ରୈମାସିକରେ ୧୬,୨୬୨ କୋଟି ଟଙ୍କାର ନୂଆ ବ୍ୟବସାୟ ପ୍ରିମିୟମ୍ ହାସଲ କରିଛି ଯାହା ୨୦୨୨ ସେପ୍ଟେମ୍ବର ୩୦ ସୁଦ୍ଧା ଶେଷ ତ୍ରୈମାସିକରେ ୧୩,୦୮୮ କୋଟି ଟଙ୍କା ଥିଲା । ଏହି ସମୟରେ ସିଙ୍ଗଲ ପ୍ରିମିୟମ୍‌ରେ ୨୮ ପ୍ରତିଶତ ବୃଦ୍ଧି ଘଟିଛି । ଏସବିଆଇ ଲାଇଫ୍‌ର ସୁରକ୍ଷା ଉତ୍ପାଦରୁ ନୂଆ ବ୍ୟବସାୟ ପ୍ରିମିୟମ୍ ୨୦୨୩ ସେପ୍ଟେମ୍ବର ୩୦ ସୁଦ୍ଧା ୧,୯୯୬ କୋଟି ଟଙ୍କା ହୋଇଛି । ଏଥିରେ ୨୫ ପ୍ରତିଶତର ବୃଦ୍ଧି ଘଟିଛି । ସୁରକ୍ଷା ବ୍ୟକ୍ତିଗତ ନୂଆ ବ୍ୟବସାୟ ପ୍ରିମିୟମ୍ ଏହି ସମୟରେ ୪୩୧ କୋଟି ଟଙ୍କା ହୋଇଛି । ବ୍ୟକ୍ତିଗତ ନୂଆ ବ୍ୟବସାୟ ପ୍ରିମିୟମ୍ ୨୦ ପ୍ରତିଶତ ବୃଦ୍ଧି ପାଇ ୧୦,୧୬୫ କୋଟି ଟଙ୍କା ହୋଇଛି । ୨୦୨୩ ସେପ୍ଟେମ୍ବର ୩୦ ସୁଦ୍ଧା ଏସ୍‌ବିଆଇ ଲାଇଫ୍‌ର ଟିକସ ପରବର୍ତ୍ତୀ ଲାଭ ୭୬୧ କୋଟି ଟଙ୍କା ରହିଛି ।

୨୦୨୩ ସେପ୍ଟେମ୍ବର ୩୦ ସୁଦ୍ଧା କଂପାନିର ସଲ୍‌ଭେନ୍ସି ଅନୁପାତ ୨.୧୨ ରହିଛି ଯାହା ବୈଧାନିକ ଆବଶ୍ୟକତା ୧.୫୦ଠାରୁ ଅଧିକ । ୨୦୨୩ ସେପ୍ଟେମ୍ବର ୩୦ ସୁଦ୍ଧା ଏସବିଆଇ ଲାଇଫ୍‌ର ପରିଚାଳନା ଅଧୀନ ସଂପତି (ଏୟୁଏମ୍) ୨୨% ବୃଦ୍ଧି ପାଇ ୩,୪୫,୧୪୭ କୋଟି ଟଙ୍କା ହୋଇଛି ଯାହା ୨୦୨୨ ସେପ୍ଟେମ୍ବର ୩୦ ସୁଦ୍ଧା ୨,୮୨,୬୩୨ କୋଟି ଟଙ୍କା ଥିଲା । ଏଥିରେ ଡେବଟ୍ ଓ ଇକ୍ୱିଟିର ମିଶ୍ରଣ ୬୮:୩୨ ରହିଛି । ୯୫ ପ୍ରତିଶତରୁ ଅଧିକ ଡେବଟ୍ ଉପକରଣ ଏଏଏ ଓ ସୋଭରେନ ଉପକରଣରେ ନିବେଶ କରାଯାଇଛି । କଂପାନିର ସାରା ଦେଶରେ ୧,୦୧୧ କାର୍ଯ୍ୟାଳୟ ରହିଥିବା ବେଳେ ୩୦୫,୩୨୦ ପ୍ରଶିକ୍ଷୀତ ବୀମା ପ୍ରଫେସନାଲମାନଙ୍କ ଏକ ବିବିଧ ବଂଟନ ନେଟ୍‌ୱର୍କ ରହିଛି ଯେଉଁଥିରେ ରହିଛି ବ୍ୟାଙ୍କଆସ୍ୟୁରାନ୍ସ ଚ୍ୟାନେଲ୍, ଏଜେନ୍ସି ଚ୍ୟାନେଲ୍, କର୍ପୋରେଟ୍ ଏଜେଂଟ୍, ବ୍ରୋକର, ପଏଂଟ୍ ଅଫ୍ ସେଲ୍‌ସ ପର୍ସନ, ବୀମା ମାର୍କେଟିଂ ସଂସ୍ଥା, ୱେବ ଏଗ୍ରିଗେଟର ଓ ପ୍ରତ୍ୟକ୍ଷ ବ୍ୟବସାୟ ।

## ଜମି ବନ୍ଧା ପକାଇ ଆବାସ ଟଙ୍କା ଫେରାଇଲେ ମହିଳା

ମାଲକାନଗିରି, (ପି.ଏନ): ଜମି ବନ୍ଧା ପକାଇ ଆବାସ ଟଙ୍କା ଫେରାଇଲେ । ଆଉ ଟଙ୍କା ପାଇବା ପରେ ବନ୍ଦ ପଡିଥିବା ୩ ମାସ ରାଶନ ଚାଉଳ ଫେରି ପାଇଲେ ହିତାଧିକାରୀ ।ମାଲକାନଗିରି ଜିଲ୍ଲାରେ ଆବାସ ଯୋଜନାର ପ୍ରଥମ କିସ୍ତି ଟଙ୍କା ଭୁଲ ଆକାଉଣ୍ଟକୁ ଚାଲିଯିବା ନେଇ ଖବର ପ୍ରସାରଣ ହୋଇଥିଲା । ମାଲକାନଗିରି ବ୍ଲକ ଚାଲାଣଗୁଡା ପଂଚାୟତ ଏମଭି ୪ ଗାଁ ର ସୀତା ହାଲଦାର ନାମ୍ନୀ ଜଣେ ମହିଳାଙ୍କ ଜମା ଖାତାରେ ଗତ ଜୁନ ମାସରେ ଆବାସ ଯୋଜନାର ୪୦ ହଜାର ଟଙ୍କା ଜମା ହୋଇଥିଲା । ତେବେ ତାହା ସୀତା ହାଲବାଙ୍କ ବଦଳରେ ସୀତା ହାଲଦାରଙ୍କ ଖାତାକୁ ଚାଲି ଯାଇଥିବା ଜାଣିବା ପରେ ଭୁଲ ହିତାଧିକାରୀ ସୀତା ହାଲଦାରଙ୍କୁ ଟଙ୍କା ଫେରାଇବା ପାଇଁ ନୋଟିସ କରିଥିଲେ ମାଲକାନଗିରି ବିଡିଓ । ଆଉ ଟଙ୍କା ଫେରାଇ ନ ପାରିବାରୁ ସୀତା ହାଲଦାରଙ୍କ ରାଶନ ଚାଉଳ ବନ୍ଦ କରାଯାଇଥିଲା । ତେବେ ସୀତା ହାଲଦାର ଧାର କରଜ କରିବା ସହ ଜମି ବନ୍ଧା ।

## ଭଣ୍ଡା ଖେଳ ପଡିଆ ଉନ୍ନତିକରଣ : ଗୋଟିଏ ଯୋଜନା ଦୁଇ ଦୁଇଟି ଅନୁଦାନ : ଅର୍ଥ ବାଟ ମାରଣା ପାଇଁ ସୁଚିନ୍ତିତ ଯୋଜନା

ଚମ୍ପୁଆ, (ପି.ଏନ): ଭଣ୍ଡା ଖେଳ ପଡିଆର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ନାମରେ ଅର୍ଥ ବାଟ ମାରଣା ପାଇଁ ହୋଇଛି ସୁଚିନ୍ତିତ ଯୋଜନା। ପଂଚାୟତ କର୍ତୃପକ୍ଷଙ୍କ ସହ ବ୍ଲକ କର୍ତୃପକ୍ଷଙ୍କ ଭିତିରି ବୁଝାମଣାରେ ଗୋଟିଏ ଯୋଜନା ପାଇଁ ଗୋଟିଏ ବର୍ଷରେ ଯୋଗାଇ ଦିଆଯାଇଛି ଦୁଇ ଦୁଇଟି ଅନୁଦାନ। ବ୍ଲକ ତରଫରୁ ଡିଏମଏଫ ଯୋଜନାରୁ ଲକ୍ଷାଧିକ ଟଙ୍କା ଯୋଗାଇ ଦିଆଯାଇଥିବା ବେଳେ ପଂଚାୟତ ତରଫରୁ ମନରେଗା ଯୋଜନାରେ ମଧ୍ୟ ଦିଆଯାଇଛି ଅର୍ଥ । ଏହା ପଛରେ ଅର୍ଥ ବାଟ ମାରଣା ପାଇଁ ସୁଯୋଗ ସୃଷ୍ଟି କରାଯାଇଥିବା ଅଭିଯୋଗ ହେଉଥିବା ବେଳେ ଆଗକୁ ଏଥି ପ୍ରତି ଭିଜିଲାନ୍ସ ବିଭାଗ ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ଖେଳ ପଡିଆ ପାଇଁ ଚଳିତ ଆର୍ଥିକ ବର୍ଷରେ ଜିଲ୍ଲା ଖଣିଜ ପାଣ୍ଠିରୁ ୪୫ ଲକ୍ଷରୁ ଅଧିକ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି । ଖେଳ ପଡିଆର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଏହି ଅନୁଦାନ ଯୋଗାଇ ଦିଆଯାଇ ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶ ମଧ୍ୟ ସରି ସାରିଥିବା ବେଳେ ଅନ୍ୟ ପଟେ ପଂଚାୟତ ତରଫରୁ ମନରେଗା ଯୋଜନାରେ ୯ ଲକ୍ଷରୁ ଅଧିକ ଟଙ୍କା ଏହି ଷ୍ଟାଡିୟମ ଉନ୍ନତିକରଣ ପାଇଁ ଯୋଗାଇ ଦିଆଯାଇ ତରବରିଆ ଭାବେ ମନରେଗା ଯୋଜନାରେ କାର୍ଯ୍ୟ ଆରମ୍ଭ କରାଯିବା ପଛରେ କି ରହସ୍ୟ ରହିଛି ତାହା ଜଳ ଜଳ ହୋଇ ବାରି ହୋଇ ପଡୁଛି । ପଂଚାୟତ ପକ୍ଷରୁ ଗ୍ରାମ ସାଥିଙ୍କୁ ଅଣଦେଖା କରାଯାଇ ପଂଚାୟତ କର୍ତୃପକ୍ଷଙ୍କ ସମ୍ପର୍କୀୟଙ୍କ ମାଧ୍ୟମରେ ତରବରିଆ ଭାବେ ଏହି କାର୍ଯ୍ୟ ଆରମ୍ଭ କରାଯାଇ ସାରିଥିବା ବେଳେ ଖଣିଜ ପାଣ୍ଠି ଅନୁଦାନରୁ କାର୍ଯ୍ୟାଦେଶ ପାଇଥିବା ଠିକାଦାର ଏବେ କଣ କାମ କରିବେ ତାହାକୁ ନେଇ ହରଡ଼ ଘଣାରେ ପଡିଥିବା ଦେଖିବାକୁ ମିଳିଛି ।ଗୋଟିଏ ଯୋଜନା ପାଇଁ ତରବରିଆ ଭାବେ ଦୁଇ ଦୁଇଟି ଯୋଜନାରୁ ଅର୍ଥ ଯୋଗାଇ ଦିଆଯିବା ପଛରେ ଅନୁଦାନର ସିଂହ ଭାଗ ବାଟମାରଣା ପାଇଁ ଏକ ସୁଚିନ୍ତିତ ଯୋଜନା କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରୁଥିବା ବେଳେ ଏହାକୁ ନେଇ ଚମ୍ପୁଆ ବିଡିଓ ରାଜା ରଞ୍ଜିତ ପ୍ରତାପ ବଳଙ୍କୁ ଯୋଗାଯୋଗ କରାଯିବାରୁ ଏ ସମ୍ପର୍କରେ ମୁଁ ଅବଗତ ନାହିଁ, ତେବେ କ'ଣ ହୋଇଛି ଏହା ସମ୍ପର୍କରେ ବୁଝି ଆପଣଙ୍କୁ ଜଣାଇ ଦିଆଯିବ ବୋଲି ସଫେଇ ଦେଇଥିବା ବେଳେ ଏହି ପଡିଆର ଉନ୍ନତିକରଣ କାର୍ଯ୍ୟ ପଛରେ ବ୍ୟାପକ ଅର୍ଥ ବାଟ ମାରଣା କରିବା ଯୋଜନା ରହିଥିବା ସ୍ପଷ୍ଟ ବାରି ହୋଇ ପଡୁଛି । ତେଣୁ ଏଥି ପ୍ରତି ଉଚ୍ଚ କର୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

# ମୋ ଓଡ଼ିଶା

## ବିନିକା ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର : ବିଭିନ୍ନ ୩୦ ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, (ପି.ଏନ): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆଜି ବିନିକା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୩୦ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୨୪ ଗୋଟି, ସାମୁହିକ ଦରଖାସ୍ତ ୬ ଗୋଟି ରହିଥିବା ସୂଚନା ପ୍ରଦାନ କରାଯାଇଛି। ତନ୍ମଧ୍ୟରୁ ୫ ଗୋଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିବା ବେଳେ ଗ୍ରହଣ କରାଯାଇଥିବା ଅନ୍ୟ ସମସ୍ତ ଅଭିଯୋଗ ଦରଖାସ୍ତକୁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି।


## ଫସ୍‌ଫରିକ୍ ଏସିଡ୍ ଉତ୍ପାଦନରେ ପାରାଦୀପ ଇଫକୋ ୟୁନିଟ୍‌ର ରେକର୍ଡ

ପାରାଦୀପ (ପିଏନ୍)- ଚଳିତ ୨୦୨୧-୨୨ ବର୍ଷ ପାଇଁ ଫସ୍‌ଫରିକ୍ ଏସିଡ୍ ଉତ୍ପାଦନ କ୍ଷେତ୍ରରେ ପାରାଦୀପ ଇଫକୋ ପାରାଦୀପ ୟୁନିଟ୍ ରେକର୍ଡ ସୃଷ୍ଟି କରିଛି । ପ୍ରତିଦିନ ୨୬୫୦ ଟନ୍ ଫସଫେଟ୍ ପାରାଦୀପ ଇଫକୋ ୟୁନିଟ୍ ରେ ଉତ୍ପାଦନ ହେଉଥିବା ନେଇ ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ସୂଚନା ମିଳିଛି । ସମଗ୍ର ବିଶ୍ୱରେ ଗୋଟିଏ ୟୁନିଟ୍ ରେ ରେକର୍ଡ ସଂଖ୍ୟକ ୮୦୫,୦୦୦ ଟନ୍ ଫସ୍‌ଫରିକ୍ ଏସିଡ୍ ଉତ୍ପାଦନ କରି ଇଫକୋ ପାରାଦୀପ ୟୁନିଟ୍ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି । ଏହା ଦ୍ୱାରା ଡିଏପି,ଏନ୍.ପି.ଏସ୍. ଉତ୍ପାଦନ କ୍ଷେତ୍ରରେ ସହାୟକ ହେବ । ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତର ମାର୍ଗଦର୍ଶନ ଆଧାରରେ ଇଫକୋ ନିଜକୁ ସ୍ୱାବଲମ୍ବନ କରିପାରିଛି । ଏହି ସଫଳତା ହାସଲ ମହାମାରୀ କୋଭିଡ୍-୧୯ ସମୟରେ ସମଗ୍ର ଦେଶରେ ସାରର ଆବଶ୍ୟକତାକୁ ଉପଲବ୍ଧି କରି ଇଫକୋ ସାର ଉତ୍ପାଦନକୁ ଗୁରୁତ୍ୱ ଦେଇଥିଲା । ସମ୍ପ୍ରତି ଚଳିତ ମାର୍ଚ୍ଚ ମାସରେ ଦିଲ୍ଲୀର ବିଜ୍ଞାନ ଭବନରେ ଇଫକୋ ପାରାଦୀପ ୟୁନିଟ୍ କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଚଳିତ ବର୍ଷ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପାରାଦୀପ ଇଫକୋ ୟୁନିଟ୍ କୁ ଅନେକ ପୁରସ୍କାର ହାସଲ କରିପାରିଛି ।। ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥା ପକ୍ଷରୁ ଇଫକୋକୁ ଅନେକ ସମ୍ମାନ ପ୍ରଦାନ କରାଯାଇଛି ।

## ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାର ଓ ପଠନ କକ୍ଷରେ ଉତ୍କଳ ଦିବସ ପାଳନ

ଯାଜପୁର (ପିଏନ୍): ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାର ଓ ପଠନ କକ୍ଷ ପରିସରେ ସଭାପତି କହ୍ନାଇ ଚରଣ ମହନ୍ତିଙ୍କ ସଭାପତିତ୍ୱରେ ଉତ୍କଳ ଦିବସ ପାଳିତ ହୋଇଯାଇଅଛି। କାର୍ଯ୍ୟକ୍ରମ ଆରମ୍ଭରେ ଯୁଗ୍ମ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁଷ୍ପକାନ୍ତ ମଲ୍ଲିକ, ସରତ ଚନ୍ଦ୍ର ମହାରଣା, ଧନଞ୍ଜୟ କେଶରୀ ରାଉତରା, ଜଗନ୍ନାଥ ଧଳ, ବିରଜା ସ୍ୱାଇଁ, ଗଦାଧର ରାଉତରା, ନବକିଶୋର ଦାସ ଉତ୍କଳ ଦିବସ ଉପରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛତିଶ ଚନ୍ଦ୍ର ଦାସ, ବିଷ୍ଣୁ ଚରଣ ବିହାରୀ, କରୁଣାକର ନାୟକ, ସୁପ୍ରଭା ନାୟକ, ଅଜୟ କୁମାର ଦାସ, ବୃନ୍ଦାବନ ମିଶ୍ର, ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସର୍ବଶେଷରେ ପାଣ୍ଡବ ଚରଣ ସାହୁ ବକ୍ତବ୍ୟ ରଖିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ନବଜାତ ଶିଶୁମାନଙ୍କ ଚକ୍ଷୁ ପରୀକ୍ଷା



କେନ୍ଦୁଝର (ପିଏନ୍): ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ଏବଂ ଭୁବନେଶ୍ୱରର ଥିବା ଏଲ୍.ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ସହଯୋଗରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଏସ୍‌ଏନ୍‌ସିୟୁରେ ତା୦୮.୦୪.୨୦୨୨ରିଖ ଦିନ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ୍ ସମେତ ମୟୁରଭ ଏବଂ ଯାଜପୁର ଜିଲ୍ଲାରୁ ଆସିଥିବା ୨୯ ଜଣ ନବଜାତ ଶିଶୁମାନଙ୍କୁ ବିନା ମୂଲ୍ୟରେ ଏଲ୍.ଭି. ପ୍ରସାଦ୍ ଚକ୍ଷୁ ଚିକିତ୍ସାୟରୁ ଆସିଥିବା ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା ସମ୍ପାଦନ କରାଯାଇଛି । ଉକ୍ତ ଚକ୍ଷୁ ପରୀକ୍ଷା ଦ୍ୱାରା ଶିଶୁମାନଙ୍କଠାରେ ମିଳିଥିବା ଚକ୍ଷୁଜନିତ ସମସ୍ୟାର ଉତମ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥିତ ଏଲ୍.ଭି. ପ୍ରସାଦ ଚିକିତ୍ସାଳୟକୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ପଠାଯାଇ ତାଙ୍କୁ ବିନା ମୂଲ୍ୟରେ ଚିକିତ୍ସା ଯୋଗାଇଦିଆଯିବ ଏବଂ ଏହିପରି ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଅନୁଷ୍ଠିତ ହେବ ବୋଲି ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର କିଶୋର କୁମାର ପୃଷ୍ଟି କହିଥିଲେ । ଏହି କାର୍ଯ୍ୟକ୍ରମକୁ ଆର୍.ବି.ଏସ୍.କେ. ମ୍ୟାନେଜର ବିଜନ କୁମାର ସାହୁ ପରିଚାଳନା କରିବା ସହିତ ଡିଆଇଇସି ଏବଂ ଏସ୍‌ଏନ୍‌ସିୟୁର କର୍ମଚାରୀ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷାରେ ସହଯୋଗ କରିଥିଲେ ।

## ସୁନାହାର ଫେରାଇଲେ ସ୍ୱେଚ୍ଛାସେବୀ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ପଞ୍ଚାୟତରେ ଚାଲିଥିବା ବାରୁଣୀ ମେଳାରେ ବୁଡ ପକାଇବାକୁ ଆସିଥିବା ଜଣେ ମହିଳାଙ୍କ ହଜିଯାଇଥିବା ସୁନାହାର ଫେରାଇ ସ୍ୱେଚ୍ଛାସେବୀ ଗୌତମ କୁମାର ସାହୁ ଚର୍ଚ୍ଚାକୁ ଆସିଛନ୍ତି। ତାଙ୍କୁ ପୋଲିସ ପ୍ରଶାସନ ଓ ଜନସାଧାରଣ ବେଶ ପ୍ରସଂଶା କରିବା ସହ ସାଧୁବାଦ ଜଣାଇଛନ୍ତି। ସୂଚନା ଅନୁଯାୟୀ ଇନ୍ଦୁପୁରକୁ ବାରୁଣୀ ବୁଡ଼ ପକାଇବାକୁ ଭଦ୍ରକ ଧାମନଗରୁ ସନ୍ଧ୍ୟାରାଣୀ ନାୟକ ନାମକ ଜଣେ ମହିଳା ଆସିଥିଲେ। ସନ୍ଧ୍ୟାରାଣୀଙ୍କ ବାପଘର ନିକିରାଇରେ ହୋଇଥିବା ବେଳେ ତାଙ୍କ ଶାଶୁଘର ଭଦ୍ରକରେ। ବାରୁଣୀ ବୁଡ଼ ପାଇଁ ସେ ବାପ ଘରକୁ ଆସିଥିଲେ। ସେ ବ୍ରାହ୍ମଣୀ ନଦୀରେ ବୁଡ଼ ପକାଇବା ବେଳେ ତାଙ୍କ ସୁନାହାର କେଉଁଆଡେ ହଜି ଯାଇଥିବା ସେ ଜାଣିବାକୁ ପାଇଥିଲେ। ସ୍ୱେଚ୍ଛାସେବୀ ଗୌତମ କୁମାର ସାହୁ ମେଳାରେ ସ୍ୱେଚ୍ଛାସେବୀ କାର୍ଯ୍ୟ କରୁଥିଲେ। ଏହି ସମୟରେ ସେ ଏକ ସୁନାହାର ପାଇଥିଲେ। ଏହାକୁ ନେଇ ସେ ସ୍ଥାନୀୟ ପୋଲିସକୁ ଦେଇଥିଲେ। ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହେରାଙ୍କ ଉପସ୍ଥିତିରେ ସୁନାହାର ହଜିଥିବା ମହିଳା ତାଙ୍କ ସୁନାହାର ଫେରି ପାଇଥିଲେ। ଏ ନେଇ ଏସ୍‌ଡିପିଓ ଗୌତମଙ୍କୁ ବେଶ ପ୍ରସଂଶା କରିଥିଲେ। ଗୌତମଙ୍କ ଏହି କାର୍ଯ୍ୟକୁ ସମାଜିକ ଗଣମାଧ୍ୟମରେ ବେଶ ପ୍ରସଂଶା କରାଯାଇଛି।

## ଅବ୍ୟକ୍ତ ବ୍ରହ୍ମ ଆଶ୍ରମରେ ପୂର୍ଣ୍ଣାହୂତି ଓ ପ୍ରବଚନ

ଯାଜପୁର (ପିଏନ୍): ଯାଜପୁରର ରାମବାଗ ଛକସ୍ଥିତ ଅବ୍ୟକ୍ତ ବ୍ରହ୍ମ ଆଶ୍ରମରେ ଦୀର୍ଘ ୫ଦିନ ଧରି ଚାଲିଥିବା ଯଜ୍ଞର ପୂର୍ଣ୍ଣାହୂତି ହେବା ସଙ୍ଗେ ସଙ୍ଗେ ସ୍ଥାନୀୟ ଶ୍ରଦ୍ଧାଳୁମାନେ ନାରିକେଳ ଓ ଘୃତ ଯଜ୍ଞକୁଣ୍ଡରେ ପ୍ରଦାନ କରିଥିଲେ। ଆଶ୍ରମର ମଠାଧିଶ ଗୟାବାବା ସମସ୍ତ ଭକ୍ତମାନଙ୍କର ମନୋସ୍କାମନା ପୂର୍ଣ୍ଣ କରିବା ନିମନ୍ତେ ଯଜ୍ଞକୁଣ୍ଡରେ ସହସ୍ରାଧିକ ଆହୂତ ମନ୍ତ୍ରଉଚ୍ଚାରଣ ପୂର୍ବକ ଦାନ କରିଛନ୍ତି। ଅନନ୍ତ ବାସୁଦେବଙ୍କର ବଡ଼ସିଂହାର ବେଶ ଓ ଘୋଡଣ ଉପଚାର ପୂଜା, ଭଜନ କୀର୍ତ୍ତନ, ଆଳତୀ ସହ ଶହ ଶହ ଭକ୍ତମାନଙ୍କ ଗହଣରେ ଯଜ୍ଞକର୍ମ ଶେଷ କରାଯାଇଛି। ଏହି ଅବସରରେ ପଣ୍ଡିତ ହୃଷୀକେଶ ପତିଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରବଚନରେ ବିଶିଷ୍ଟ ମାଳିକାକାର ଡା. କାହ୍ନୁ ଚରଣ ମିଶ୍ର ଯୋଗଦେଇ ମାଳିକାରେ ବର୍ଣ୍ଣିତ କଳିଯୁଗର ଶେଷ ପ୍ରାନ୍ତରେ ପୃଥିବୀରେ ଯୁଦ୍ଧର ଘନଘଟା, ପରସ୍ପର ମଧ୍ୟରେ ବିଦ୍ୱେଷ, ନାନାଦି ରୋଗରେ ପୃଥିବୀର ସମସ୍ତ ରାଷ୍ଟ୍ରର ଅଧିବାସୀମାନେ ପ୍ରପୀଡ଼ିତ ହେବା ସହ ସତ୍ୟଯୁଗର ଆଗମନରେ ଅନନ୍ତ ବାସୁଦେବଙ୍କର ଶରଣ ନିମନ୍ତେ ପ୍ରାର୍ଥନା କରିବାକୁ ପ୍ରବଚନ ମାଧ୍ୟମରେ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ପ୍ରବଚକ ଅଧିକାରୀ ନବକିଶୋର ଦାସ ବିରଜାକ୍ଷେତ୍ରର ମହିମା ଓ ତାତ୍ପର୍ଯ୍ୟ, ସୁଧର୍ମା ସଭା ଓ ମୁନିଋଷିମାନଙ୍କର ଯାଜପୁର କ୍ଷେତ୍ରକୁ ଆଗମନ ତଥା ଜଗନ୍ନାଥ ସଂସ୍କୃତି ସହ ବିରଜାକ୍ଷେତ୍ର ସଂସ୍କୃତିର ସମନ୍ୱୟ ସଂପର୍କରେ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ବୈତରଣୀ ନଦୀ ସିଦ୍ଧେଶ୍ୱର ଘାଟ ଠାରୁ ଆଶ୍ରମର ଯଜ୍ଞସ୍ଥଳୀ ପର୍ଯ୍ୟନ୍ତ ୧୦୮ ପୂର୍ଣ୍ଣ କୁମ୍ଭ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଅବ୍ୟକ୍ତ ବ୍ରହ୍ମ ଆଶ୍ରମର ସମସ୍ତ ଶ୍ରଦ୍ଧାଳୁ ଏଥିରେ ଅଂଶ ଗ୍ରହଣ କରିଥିଲେ। ସର୍ବଶ୍ରୀ ନିରାକାର ସାହୁ, ମନୀଷା ସାହୁ, ସୁଶାନ୍ତ ସାହୁ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପଣ୍ଡିତ ଲମ୍ବୋଧର ପାଢ଼ୀ, ମୁଖ୍ୟ ପୁରୋଧା ଭାବେ ଯଜ୍ଞକାର୍ଯ୍ୟ ଓ ପୂର୍ଣ୍ଣାହୂତ ସମାପନ କରିଥିଲେ।

## ପୋଷଣ ଅଭିଯାନ ୨୦୨୨ର ସଚେତନତା ଏବଂ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ଖୋର୍ଦ୍ଧା (ପିଏନ୍)- ଭାରତ ସରକାର ଆରମ୍ଭ କରିଥିବା ପୋଷଣ ଅଭିଯାନ ୨୦୨୨ର ସଚେତନତା ବାର୍ତ୍ତା ବାଂଟିବା ଏବଂ ନିଶୁଳ୍କ ଆୟୁଷ ସ୍ୱାସ୍ଥ୍ୟ ଶିବିର ଖୋରଧା ବ୍ଲକ୍ କୁରାଢମଲ୍ଲ ଠାରେ ପାଳିତ ହୋଇଯାଇଛି। ଜିଲ୍ଲା ହୋମିଓପ୍ୟାଥି ଏବଂ ଆର୍ଯ୍ୟୁବେଦ ଚିକିତ୍ସା ଅଧିକାରୀ ପୂର୍ବାଚଂଳ ମଣ୍ଡଳ ଭୁବନେଶ୍ୱର ତରଫରୁ ଆୟୋଜିତ ଏବଂ ଜାତୀୟ ଆୟୁଷ ମିଶନ ଭାରତ ସରକାର ଏବଂ ଆୟୁଷ ନିର୍ଦ୍ଦେଶାଳୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ କୁରାଢମଲ୍ଲ ଗ୍ରାମପଂଚାୟତର ସରପଂଚ ଶ୍ରୀରାମ ପ୍ରସାଦ ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ହୋମିଓପ୍ୟାଥି ଚିକିତ୍ସାଧିକାରୀଣୀ ଡ଼ାକ୍ତର ବନଶ୍ରୀ ଲେଙ୍କାଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ମୁଖ୍ୟ ହେମିଓପ୍ୟାଥି ଚିକିତ୍ସାଧିକାରୀ ଡ଼ାକ୍ତର ସୁମନା କୁମାରୀ ପଣ୍ଡା ଏବଂ ଜିଲ୍ଲା ମୁଖ୍ୟ ଆର୍ଯ୍ୟୁବେଦ ଚିକିତ୍ସାଧିକାରୀ ଡ଼ାକ୍ତର ରେଣୁପ୍ରଭା ମହାପାତ୍ର ଅତିଥି ଭାବରେ ଯୋଗ ଦେଇ ଗର୍ଭବତୀ ମହିଳା ସ୍ତନ୍ୟପାନ କରାଉଥିବା ମା', କିଶୋରୀ ବାଳିକା ଏବଂ ଶିଶୁ ମାନଙ୍କର ରକ୍ତହୀନତାର ପ୍ରତିରୋଧ ଏବଂ ଚିକିତ୍ସା ନିମନ୍ତେ ଆୟୁଷ ତଥା ହେମିଓପ୍ୟାଥି ଆର୍ଯ୍ୟୁବେଦର ଭୂମିକା ଶିର୍ଷକ ଆଲୋଚନା କରି ରୋଗୀମାନଙ୍କୁ ତଥା ସ୍ଥାନୀୟ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ବାଂଟିଥିଲେ। ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ରାଜ୍ୟର ସୁନାମ ଧନ୍ୟ ହୋମିଓପ୍ୟାଥି ଡ଼ାକ୍ତର ଆଭାମୟୀ ନାୟକ ଡ଼ାକ୍ତର ଅରୁଣ କୁମାର ମଲ୍ଲିକ, ଡ଼ାକ୍ତର ଚିନ୍ମୟୀ ସାହୁ ଓ ସ୍ଥାନୀୟ କୁରାଢ ମଲ୍ଲର ହୋମିଓପ୍ୟାଥି ଚିକିତ୍ସାଧିକାରୀ ଡ଼ାକ୍ତର ନିବେଦିତା ମିଶ୍ର, ଆର୍ଯ୍ୟୁବେଦର ଡ଼ାକ୍ତର ସୁବ୍ରତ ଛୋଟରାୟ, ଡ଼ାକ୍ତର ସୁଶାନ୍ତ ବିଶୋୟି, ଡ଼ାକ୍ତର ଧନେଶ୍ୱର ସାହୁ ପ୍ରମୁଖଙ୍କ ଦ୍ୱାରା ରୋଗୀମାନଙ୍କୁ ପରୀକ୍ଷା କରାଯାଇ ଆର୍ଯ୍ୟୁବେଦୀ ଓ ହୋମିଓପ୍ୟାଥି ଔଷଧ ମାଗଣାରେ ବଂଟନ କରାଯାଇଥିଲା। ସ୍ଥାନୀୟ ସମାଜ ସେବୀ ପ୍ରକାଶ ଚନ୍ଦ୍ର ପରିଡ଼ା ଶ୍ରୀରଂଜନ ମଙ୍ଗରାଜ, ଗଣେଶ୍ୱର ପରିଡ଼ା, କୈଳାସ ଚନ୍ଦ୍ର ସାମନ୍ତରାୟ, ଦୀପକ ବଳିଆରସିଂହଙ୍କ ସଯୋଗ ଏବଂ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଦିନିକିଆ ଶିବିରରେ ହୋମିଓପ୍ୟାଥି ସହକାରୀ ପ୍ରଭଞ୍ଜନୀ ପାତ୍ର, ରଶ୍ମିତା ସ୍ୱାଇଁ କେଳୁଚରଣ ମାପିସ୍ଥ ଏବଂ ଆର୍ଯ୍ୟୁବେଦ ସହକାରୀ ଶୁଭଶ୍ରୀ ପ୍ରିୟଦର୍ଶନୀ ଓ ହିମାଙ୍ଗୀନି ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ କୁରାଢମଲ୍ଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ରାଉତ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇ ବିଦ୍ୟାଳୟ ତରଫରୁ ସମସ୍ତ ସହଯୋଗ ଯୋଗାଇଥିଲେ।

## ଆଏମଏ ଓଡ଼ିଶା ଶାଖା ଓ ଇଣ୍ଡିଆନ ସାଇକାଟ୍ରିକ ସୋସାଇଟି ପକ୍ଷରୁ ଡାକ୍ତର ଅର୍ଚ୍ଚନାଙ୍କ ଦୁଃଖଦ ମୃତ୍ୟୁ ପାଇଁ ପ୍ରତିବାଦ



କଟକ (ପିଏନ୍): କେବଳ ଓଡ଼ିଶାରେ ନୁହେଁ ସର୍ବଭାରତୀୟ ସ୍ତରରେ ଲୋକମାନଙ୍କ ପାଇଁ ଯେତିକ ଡାକ୍ତର ରହିବା କଥା ସେତିକ ସମ୍ଭବ ହୋଇପାରୁନାହିଁ ଏବଂ ସରକାରଙ୍କ ପ୍ରୋତ୍ସାହନ ଅଭାବରୁ ବାଧ ହୋଇ ସେମାନେ ଅନ୍ୟତ୍ର ଚାଲିଯାଉଛନ୍ତି। ରାଜସ୍ଥାନର ଡାକ୍ତର ଅର୍ଚ୍ଚନା ଶର୍ମାଙ୍କ ମୃତ୍ୟୁ ଘଟଣାରେ ଦୃଢ଼ ପ୍ରତିବାଦ କରିଛନ୍ତି ଡାକ୍ତର ଛାତ୍ରଛାତ୍ରୀମାନେ। ଡାକ୍ତରଙ୍କ ଉପରେ ମାନସିକ ଚାପ ଓ ନିର୍ଯାତନା ବନ୍ଦ ହେଉବୋଲି ଦାବି କରିବା ସହିତ ଏହି ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ପରିସରରେ ଆଏମଏ ଓଡ଼ିଶା ଶାଖା ଓ ଇଣ୍ଡିଆନ ସାଇକାଟ୍ରିକ ସୋସାଇଟିର ମିଳିତ ଆୟୋଜନରେ ସଭାପତି ଡାକ୍ତର ରଜତ ରାୟ, ଇଣ୍ଡିଆନ ସାଇକାଟ୍ରିକ ସୋସାଇଟିର ସର୍ବଭାରତୀୟ ସଭାପତି ଡାକ୍ତର ଏନ୍. ରାଜୁ, ସାଧାରଣ ସମ୍ପାଦକ ଡାକ୍ତର ଅରବିନ୍ଦ ବ୍ରହ୍ମା, ବିଶିଷ୍ଟ ଭେଷଜ ବିଶେଷଜ୍ଞ ତଥା ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଭେଷଜ ବିଭାଗର ବିଭାଗୀୟ ମୁଖ୍ୟ ଡାକ୍ତର ଜୟନ୍ତ କୁମାର ପଣ୍ଡା, ସମ୍ପାଦକ ଡାକ୍ତର ବ୍ରଜ କିଶୋର ଦାଶ, ସାଧାରଣ ସମ୍ପାଦକ ତଥା ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ସମ୍ରାଟ କର, କୋଷାଧ୍ୟକ୍ଷ ଡାକ୍ତର ମୃତ୍ୟୁଞ୍ଜୟ ମହାପାତ୍ର, ସଭ୍ୟ ଡାକ୍ତର ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ଡାକ୍ତର ଜନ୍ମଜେୟ ମହାପାତ୍ର, ଡାକ୍ତର ଦେବ ପ୍ରସାଦ ମହାନ୍ତି ପ୍ରମୁଖ। ଏହି କାର୍ଯ୍ୟକ୍ରମରେ ଡାକ୍ତର ସମ୍ରାଟ କର ସମର୍ଥନ ଓ ସହଯୋଗ ଦେବା ସହ ଦୁଃଖ ପ୍ରକାଶ କରିଥିଲେ ଓ ସରକାର ତୁରନ୍ତ ଏହା ଉପରେ ନିଷ୍ପତ୍ତି ନିଅନ୍ତୁ ବୋଲି ଦାବୀ କରିଛନ୍ତି।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

## ଦାୟିତ୍ୱ ଗ୍ରହଣ କଲେ ବ୍ଲକ ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ବ୍ଲକର ନବନିର୍ବାଚିତ ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଶ୍ରୀ ମହାପାତ୍ର କହିଛନ୍ତି ଯେ ବିଭିନ୍ନ ପଞ୍ଚାୟତର ଉନ୍ନତି ପାଇଁ ବ୍ଲକ ଅଧ୍ୟକ୍ଷଙ୍କ ସହ ମିଶି କାମ କରିବି। ବର୍ତ୍ତମାନ ଗ୍ରୀଷ୍ମ ପ୍ରକୋପ ବଢି ଚାଲିଛି। ତେଣୁ ଯେଉଁ ପଞ୍ଚାୟତରେ ପାନୀୟ ଜଳର ଅଭାବ ଥିବ ସେହି ପଞ୍ଚାୟତଗୁଡିକରେ ତୁରନ୍ତ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ। ସେହିପରି ପଞ୍ଚାୟତ ଗୁଡିକରେ ଥିବା ରାସ୍ତା ସମସ୍ୟା, ଷ୍ଟ୍ରୀଟ୍ ଲାଇଟ୍ ସମସ୍ୟା, ଡ୍ରେନ୍ ସମସ୍ୟାର ସମାଧାନ ଯୁଦ୍ଧକାଳୀନ ଭିତ୍ତିରେ କରାଯିବ। ଏଥିସହ ପଞ୍ଚାୟତଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ କରାଯିବ। ଶ୍ରୀ ମହାପାତ୍ରଙ୍କୁ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି, ୮ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ, ୫ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଲିଳିତା ଦାସ, କୁତରଙ୍ଗ ପଞ୍ଚାୟତର ଯୁବନେତା ନରୋତ୍ତମ ମଲ୍ଲିକ, ଜିଲ୍ଲା ଏସ୍‌ସି ସେଲ ସମ୍ପାଦକ ମାନସ ସେଠୀ ଓ ବିଡିଓ ବନ୍ଦନା ଖଟୁଆ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ।

## ସାପ କାମୁଡାରେ ବାଳିକାର ମୃତ୍ୟୁ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଦ୍ୱାରିକାପଶି ଗାଁ ଦୀନବନ୍ଧୁ ସେଠୀଙ୍କ ଝିଅ ଜ୍ୟୋତ୍ସ୍ନାରାଣୀ ସେଠୀର ସାପ କାମୁଡାରେ ମୃତ୍ୟୁ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁସାରେ, ଜ୍ୟୋତ୍ସ୍ନାରାଣୀ ସେଠୀ(୧୨) ଘର ଅଗଣାରେ ପରିବାରର ୪ଜଣ ସଦସ୍ୟଙ୍କ ସହ ଶୋଇଥିବା ସମୟରେ ରାତି ପ୍ରାୟ ୨ଟା ବେଳେ ଏକ ବିଷାକ୍ତ ଚିତି ସାପ କାମୁଡି ଦେଇଥିଲା। ଏକଥା ଜଣାପଡିବା ପରେ ତାଙ୍କୁ ସଂଗେ ସଂଗେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତ ବାଳିକା ଶବ ବ୍ୟବଚ୍ଛେଦରେ ବିଳମ୍ବ ହେବାରୁ କିଛି ସମୟ ପାଇଁ ମେଡିକାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଘଟଗାଁ ପୋଲିସ ମୃତ ବାଳିକାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ମାଳ ମାଳ ଇଟାଭାଟି, ପ୍ରଶାସନର ନିଘା ନାହିଁ



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅଞ୍ଚଳରେ ମାଳ ମାଳ ବେଆଇନ ଇଟାଭାଟି । ପ୍ରଶାସନର ଏଥିପ୍ରତି ନିଘାନାହିଁ । ଯିଏ ଯେଉଁଠି ପାରିଲା ମନଇଛା ଇଟାଭାଟି କରୁଛି । ଅସାଧୁ କର୍ମଚାରୀଙ୍କ ମୁନାଫାଖୋର ମନୋଭାବ ପାଇଁ ଗ୍ରାମାଞ୍ଚଳରେ ଇଟା ବ୍ୟବସାୟ ଏବେ କୁଟୀର ଶିଳ୍ପ ପାଲଟି ଯାଇଥିବା ଅଭିଯୋଗ ହୋଇଛି । ପ୍ରଶାସନର ଅନୁମତିକ୍ରମେ ଜନବସତି ଠାରୁ ଏକ କିମି ଦୂରରେ ଏବଂ ଶୀତଦିନେ ଇଟାଭାଟି ହେବା କଥା । ମାତ୍ର ଇଟା ପ୍ରସ୍ତୁତକାରୀମାନେ ସମସ୍ତ ନୀତି ନିୟମକୁ ଦଳିମକଚି ଗାଁ ମଝିରେ କିମ୍ବା ଜନବସତିର ଅତି ନିକଟରେ ଇଟାଭାଟି କରୁଛନ୍ତି । ଏପରିକି କିଛି ବ୍ୟକ୍ତି ନିଜ ଘରବାଡି ନିକଟରେ ଇଟାଭାଟି କରିଛନ୍ତି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏବେ ଠାରୁ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇ ଯାଇଥିବା ବେଳେ ତାପମାତ୍ରା ୪୦ଡିଗ୍ରି ଛୁଇଁଲାଣି । ଖରା ଗରମ ଅସହ୍ୟ ହେଉଥିବା ବେଳେ ଦିନରାତି ଇଟାଭାଟି ଜଳୁଥିବାରୁ ଏହା ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଅଧିକ କଷ୍ଟଦାୟକ ହୋଇଛି । କେତେକ ପ୍ରଶାସନକୁ ଚକ୍‌ମା ଦେଖାଇ ବିନା ଅନୁମତିରେ ଭାଟି ଲଗାଇଥିବା ବେଳେ ଆଉ କିଛି ବେପାରୀ ନିଜ ଘର ପାଇଁ ଇଟା ତିଆରି କରିବେ ବୋଲି ତହସିଲରୁ ସାମୟିକ ଅନୁମତି ଆଣି ବେଧଡକ ଭାବେ ଇଟା ବେପାର କରୁଛନ୍ତି । ତେବେ ଇଟା ତିଆରି ପାଇଁ ରାଜସ୍ୱ ପୈଠ କରିବା ପରେ ନିୟମାନୁସାରେ ନିଜସ୍ୱ ଜମିରୁ ଚୁକ୍ତି ମୁତାବକ ଆବଶ୍ୟକ ପରିମାଣର ମାଟି ବ୍ୟବହାର କରାଯିବା କଥା । ମାତ୍ର ଇଟା ପ୍ରସ୍ତୁତକାରୀମାନେ ସର୍ବସାଧାରଣ ବ୍ୟବହାର କରୁଥିବା ସରକାରୀ ଜମିରୁ ମନଇଛା ମାଟି ଖନନ କରି ସମତଳ ଜମିକୁ ପୋଖରୀ, ଗଡିଆ କରି ଦେଉଛନ୍ତି । ସେହିପରି ନିକଟସ୍ଥ ନଦୀନାଳରୁ ବାଲି ଚୋରାରେ ଆଣି ବ୍ୟବହାର କରୁଛନ୍ତି । ଏଥିରେ ରାଜ୍ୟ ସରକାରଙ୍କ ବିପୁଳ ପରିମାଣର ରାଜସ୍ୱହାନୀ ହେଉଥିବା ବେଳେ ଇଟା ବେପାରୀ ମାଲାମାଲ୍ ହେଉଛନ୍ତି । ଅନେକ ସମୟରେ ଏସବୁ ସ୍ଥାନରେ ଛୋଟବଡ ଅଘଟଣ ମଧ୍ୟ ଘଟୁଛି । ଗୋରୁଗାଈ ଖାଲରେ ପଡି ମୃତାହତ ହେଉଛନ୍ତି । ଏପରିକି ମାଫିଆମାନେ ଗୋଚର, ଶ୍ମଶାନ ଓ ଦେବୋତର ଜମିକୁ ଜବରଦଖଲ କରି ମାଟି ଉଠାଉଛନ୍ତି । ବର୍ଷା ଋତୁକୁ ଛାଡି ଦେଲେ ଅବଶିଷ୍ଟ ୮ମାସ ଇଟାଭାଟି କରାଯାଉଛି । ବିଶେଷ କରି ଏହି ବେଆଇନ ବେପାର ସ୍ଥାନୀୟ ଅଭୟପୁର, ମଙ୍ଗରାଜପୁର, ବମ୍ଫୁ, ରତନପୁର, ନୀଳାଦେଇପୁର, ଡେରାବର, ପାଟପୁର, ପଲାର ମୌଜା ସମେତ ବିଭିନ୍ନ ଗାଁ ଗହଳିରେ ହେଉଥିବା ଅଭିଯୋଗରେ ଦର୍ଶାଯାଇଛି । ଏ ସଂପର୍କରେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରା ଯାଉଥିଲେ ମଧ୍ୟ ଏହି ବେଆଇନ ବେପାରକୁ ରୋକା ଯିବା ସମ୍ଭବ ହେଉନାହିଁ । ନିକଟରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ମଙ୍ଗରାଜପୁର ଗ୍ରାମର ଏକ ଇଟା ଭାଟିରେ ଚଢ଼ଉ କରିଥିଲେ ହେଁ, ଏହା ଇଟା ବେପାରୀଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିନାହିଁ । ଏଥିପ୍ରତି ଯାଜପୁର ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।




# ଗୁଜରାଟର କେଭାଡିଆରେ ରାଷ୍ଟ୍ରୀୟ ଏକତା ଦିବସ ସମାରୋହରେ ଯୋଗ ଦେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, (ପି.ଏନ୍): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ରାଷ୍ଟ୍ରୀୟ ଏକତା ଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସେ ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଅବସରରେ ଷ୍ଟାଚ୍ୟୁ ଅଫ୍ ୟୁନିଟିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶ୍ରୀ ମୋଦୀ ବିଏସଏଫ ଏବଂ ବିଭିନ୍ନ ରାଜ୍ୟ ପୋଲିସର ଦଳଙ୍କୁ ନେଇ ରାଷ୍ଟ୍ରୀୟ ଏକତା ଦିବସ ପରେଡ, ସମସ୍ତ ମହିଳା ସିଆରପିଏଫ ବାଇକର୍ସଙ୍କ ଦ୍ୱାରା ଦୁଃସାହସିକ ପ୍ରଦର୍ଶନ, ବିଏସଏଫର ମହିଳା ପାଇପ୍ ବ୍ୟାଣ୍ଡ, ଗୁଜରାଟ ମହିଳା ପୋଲିସର କୋରିଓଗ୍ରାଫି କାର୍ଯ୍ୟକ୍ରମ, ସ୍ୱତନ୍ତ୍ର ଏନସିସି ଶୋ, ସ୍କୁଲ ବ୍ୟାଣ୍ଡ ପ୍ରଦର୍ଶନ, ଭାରତୀୟ ବାୟୁସେନା ଦ୍ୱାରା ଫ୍ଲାଇ ପାଷ୍ଟ, ଉନ୍ନତ ଗ୍ରାମର ଅର୍ଥନୈତିକ ସାମର୍ଥ୍ୟ ପ୍ରଦର୍ଶନ ଆଦି ଦେଖିଥିଲେ । ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ରାଷ୍ଟ୍ରୀୟ ଏକତା ଦିବସ ଭାରତର ଯୁବଗୋଷ୍ଠୀ ଏବଂ ଏହାର ଯୋଦ୍ଧାମାନଙ୍କର ଏକତାର ଶକ୍ତିକୁ ପାଳନ କରେ । ଏଠାରେ ମୁଁ ମିନି ଇଣ୍ଡିଆର ସ୍ୱରୂପ ଦେଖିପାରିବି ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଭାଷା, ରାଜ୍ୟ ଓ ପରମ୍ପରା ଅଲଗା ଅଲଗା ହୋଇଥିଲେ ମଧ ଦେଶର ପ୍ରତ୍ୟେକ ବ୍ୟକ୍ତି ଏକତାର ଦୃଢ଼ ସୂତ୍ରରେ ବନ୍ଧାଯାଇଛନ୍ତି ବୋଲି ସେ ଗୁରୁତ୍ୱାରୋପ କରିଥିଲେ। 'ମଣି ପ୍ରଚୁର ମାତ୍ରାରେ ଅଛି, କିନ୍ତୁ ମାଳ ଗୋଟିଏ । ଯଦିଓ ଆମେ ବିବିଧ, ତଥାପି ଆମେ ଏକଜୁଟ ଅଛୁ। ଅଗଷ୍ଟ ୧୫ ଓ ଜାନୁଆରୀ ୨୬ ତାରିଖକୁ ଯେପରି ସ୍ୱାଧୀନତା ଓ ଗଣତନ୍ତ୍ର ଦିବସ ଭାବେ ମାନ୍ୟତା ଦିଆଯାଏ, ଠିକ୍ ସେହିପରି ଅକ୍ଟୋବର ୩୧ ତାରିଖ ସମଗ୍ର ଦେଶ ଏକତାର ପର୍ବ ପାଳନ କରିଥାଏ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଲାଲ୍ କିଲ୍ଲାରେ ସ୍ୱାଧୀନତା ଦିବସ ପାଳନ, କର୍ତବ୍ୟ ପଥରେ ସାଧାରଣତନ୍ତ୍ର ଦିବସ ପରେଡ୍ ଏବଂ ମା' ନର୍ମଦା କୂଳରେ ଷ୍ଟାଚ୍ୟୁ ଅଫ୍ ୟୁନିଟି ଦ୍ୱାରା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଜାତୀୟ ଉନ୍ନତିର ତ୍ରିମୁଖୀ ପାଲଟିଛି ବୋଲି ସେ ଆଲୋକପାତ କରିଥିଲେ। ଆଜିର କାର୍ଯ୍ୟକ୍ରମ ବିଷୟରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଯେଉଁମାନେ ଏକତା ନଗରକୁ ଯାଆନ୍ତି ସେମାନେ କେବଳ ଷ୍ଟାଚ୍ୟୁ ଅଫ୍ ୟୁନିଟିର ସାକ୍ଷୀ ନୁହଁନ୍ତି ବରଂ ଭାରତର ଜାତୀୟ ଏକତା ଦିଗରେ ସର୍ଦ୍ଦାର ସାହେବଙ୍କ ଜୀବନ ଏବଂ ଅବଦାନର ଝଲକ ମଧ ପାଇଥାନ୍ତି । ଷ୍ଟାଚ୍ୟୁ ଅଫ୍ ୟୁନିଟି ଏକ ଭାରତ ଶ୍ରେଷ୍ଠ ଭାରତର ଆଦର୍ଶକୁ ପ୍ରତିନିଧିତ୍ୱ କରୁଛି ବୋଲି ଶ୍ରୀ ମୋଦୀ କହିଥିଲେ। ପ୍ରତିମୂର୍ତ୍ତି ନିର୍ମାଣରେ ନାଗରିକଙ୍କ ଅବଦାନକୁ ସେ ଉଲ୍ଲେଖ କରିବା ସହ ସେମାନଙ୍କ ଉପକରଣ ଦାନ କରିଥିବା କୃଷକମାନଙ୍କର ଉଦାହରଣ ଦେଇଥିଲେ। ୱାଲ ଅଫ୍ ୟୁନିଟି ନିର୍ମାଣ ପାଇଁ ଭାରତର ବିଭିନ୍ନ ପ୍ରାନ୍ତରୁ ମାଟିର ମିଶ୍ରଣ ବିଷୟରେ ମଧ ସେ ଉଲ୍ଲେଖ କରିଥିଲେ । ସାରା ଦେଶରେ 'ରନ୍ ଫର୍ ୟୁନିଟି' ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କୋଟି କୋଟି ନାଗରିକ ରାଷ୍ଟ୍ରୀୟ ଏକତା ଦିବସ ପାଳନ ସହିତ ଯୋଡ଼ି ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଥିଲେ। ସର୍ଦ୍ଦାର ସାହେବଙ୍କ ଆଦର୍ଶ ହେଉଛି ୧୪୦ କୋଟି ନାଗରିକଙ୍କ ମୂଳ ମନ୍ତ୍ର, ଯେଉଁମାନେ ଏକାଠି ହୋଇ ଏକ ଭାରତ ଶ୍ରେଷ୍ଠ ଭାରତର ଭାବନା ପାଳନ କରନ୍ତି', ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ରାଷ୍ଟ୍ରୀୟ ଏକତା ଦିବସ ପାଇଁ ନାଗରିକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ।ଆଗାମୀ ୨୫ ବର୍ଷ ଦେଶ ପାଇଁ ଏହି ଶତାବ୍ଦୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ୨୫ ବର୍ଷ ବୋଲି ପ୍ରଧାନମନ୍ତ୍ରୀ ଦୋହରାଇଥିଲେ କାରଣ ଏହି ସମୟ ମଧ୍ୟରେ ଭାରତ ଏକ ସମୃଦ୍ଧ ଏବଂ ବିକଶିତ ରାଷ୍ଟ୍ରରେ ପରିଣତ ହେବାକୁ ଯାଉଛି । ସ୍ୱାଧୀନତା ପୂର୍ବରୁ ୨୫ ବର୍ଷ ମଧ୍ୟରେ ଦେଶ ପ୍ରତି ଯେଉଁ ସମର୍ପଣ ଭାବନା ଦେଖିବାକୁ ମିଳିଥିଲା, ସେହିଭଳି ସମର୍ପଣ ଭାବନା ପାଇଁ ସେ ଆହ୍ୱାନ ଦେଇଥିଲେ। ବିଶ୍ୱରେ ଭାରତର ବଢୁଥିବା ଦିଗକୁ ସେ ଉଲ୍ଲେଖ କରିଥିଲେ । ଆମେ ଗର୍ବିତ ଅନୁଭବ କରୁଛୁ କାରଣ ଆମେ ସର୍ବବୃହତ ଗଣତନ୍ତ୍ରର ମର୍ଯ୍ୟାଦାକୁ ଏକ ନୂତନ ଉଚ୍ଚତାକୁ ନେଉଛୁ ବୋଲି ସେ କହିଛନ୍ତି। ନିରାପତ୍ତା, ଅର୍ଥନୀତି, ବିଜ୍ଞାନ, ସ୍ୱଦେଶୀ ପ୍ରତିରକ୍ଷା ଉତ୍ପାଦନ ଏବଂ ପ୍ରମୁଖ ବିଶ୍ୱ କମ୍ପାନୀ ଏବଂ କ୍ରୀଡ଼ାରେ ଭାରତୀୟମାନଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବୈଶ୍ୱିକ କର୍ପୋରେଟ୍ ନେତୃତ୍ୱ କ୍ଷେତ୍ରରେ ଭାରତର ସୁଦୃଢ଼ ସ୍ଥିତି ବିଷୟରେ ସେ ଉଲ୍ଲେଖ କରିଥିଲେ ।ଆଗକୁ ବଢ଼ିବା ଏବଂ ଦାସତ୍ୱର ମାନସିକତାକୁ ତ୍ୟାଗ କରିବାର ସଂକଳ୍ପ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଭାରତ ଏହାର ଐତିହ୍ୟକୁ ବିକଶିତ କରିବା ସହିତ ସଂରକ୍ଷଣ କରୁଛି। ନୌସେନା ପତାକାରୁ ଔପନିବେଶିକ ଚିହ୍ନ ହଟାଇବା, ଉପନିବେଶ କାଳରୁ ଅନାବଶ୍ୟକ ଆଇନକୁ ଉଚ୍ଛେଦ କରିବା, ଆଇପିସି ବଦଳାଯିବା ଏବଂ ଉପନିବେଶବାଦୀ ପ୍ରତିନିଧିଙ୍କ ସ୍ଥାନରେ ଇଣ୍ଡିଆ ଗେଟ୍ ରେ ନେତାଜୀଙ୍କ ପ୍ରତିମୂର୍ତ୍ତି ସଜ୍ଜିତ କରିବା ବିଷୟରେ ସେ ଉଲ୍ଲେଖ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆଜି ଭାରତର ପହଂଚ ବାହାରେ କୌଣସି ଲକ୍ଷ୍ୟ ନାହିଁ । ସବକା ପ୍ରୟାସର ଶକ୍ତି ଉପରେ ଆଲୋକପାତ କରି ସେ ଧାରା ୩୭୦ ଉଚ୍ଛେଦ ବିଷୟରେ ଉଲ୍ଲେଖ କରି କହିଥିଲେ ଯେ ଆଜି କାଶ୍ମୀର ଏବଂ ଦେଶର ବାକି ଭାଗ ମଧ୍ୟରେ ଠିଆ ହୋଇଥିବା ଧାରା ୩୭୦ର ପ୍ରାଚୀର ଭାଙ୍ଗି ଯାଇଛି ଏବଂ ଏହା ସର୍ଦ୍ଦାର ସାହେବଙ୍କୁ ନିଶ୍ଚୟ ଖୁସି କରିଛି। ଦୀର୍ଘ ଦିନ ଧରି ଅଟକି ରହିଥିବା ସମସ୍ୟାକୁ ଜାରି ରଖି ପ୍ରଧାନମନ୍ତ୍ରୀ ସର୍ଦ୍ଦାର ସରୋବର ଡ୍ୟାମ୍ ବିଷୟରେ ମଧ ଉଲ୍ଲେଖ କରିଥିଲେ ଯାହା ୫-୬ ଦଶନ୍ଧି ଧରି ପଡ଼ି ରହିଥିଲା କିନ୍ତୁ ଗତ କିଛି ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଥିଲା । ସେ ସଂକଳ୍ପ ରୁ ସିଦ୍ଧିର ଉଦାହରଣ ଭାବରେ କେଭାଡିଆ - ଏକତା ନଗରର ପରିବର୍ତ୍ତନକୁ ଉଦାହରଣ ଦେଇଛନ୍ତି । 'ଆଜି ଏକତା ନଗର ଏକ ବିଶ୍ୱ ସବୁଜ ସହର ଭାବରେ ସ୍ୱୀକୃତି ପାଇଛି', ସେ କହିଥିଲେ । ବିଭିନ୍ନ ପର୍ଯ୍ୟଟନ ଆକର୍ଷଣ ବ୍ୟତୀତ ଗତ ୬ ମାସ ମଧ୍ୟରେ ଏକତା ନଗରରେ ଦେଢ଼ ଲକ୍ଷରୁ ଅଧିକ ଗଛ ଲଗାଯାଇଛି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଥିଲେ। ସ୍ଥାନୀୟ ଅଂଚଳରେ ପୂର୍ବରୁ ଶକ୍ତିଶାଳୀ ସୌର ଶକ୍ତି ଉତ୍ପାଦନ ଏବଂ ସିଟି ଗ୍ୟାସ ବିତରଣ ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜି ଏକତା ନଗରରେ ଏକ ଐତିହ୍ୟ ଟ୍ରେନ୍ର ଆକର୍ଷଣ ଯୋଡ଼ାଯିବ । ଗତ ୫ ବର୍ଷ ମଧ୍ୟରେ ୧.୫ କୋଟିରୁ ଅଧିକ ପର୍ଯ୍ୟଟକ ଆସି ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟକୁ ରୋଜଗାର ର ସୁଯୋଗ ପ୍ରଦାନ କରିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜି ସମଗ୍ର ବିଶ୍ୱ ଭାରତର ଅତୁଟ ସଂକଳ୍ପ ଏବଂ ସେଠାକାର ଲୋକଙ୍କ ସାହସ ଓ ଦୃଢ଼ତାକୁ ସ୍ୱୀକାର କରୁଛି । ବିଶ୍ୱ ଏଥିରୁ ପ୍ରେରଣା ନେଉଥିବା ବେଳେ କିଛି ଧାରାକୁ ନେଇ ସତର୍କ କରାଇଦେଇଛନ୍ତି । ଆଜିର ବିଶ୍ୱର ଭୂ-ରାଜନୈତିକ ଅସ୍ଥିରତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କୋଭିଡ୍ ମହାମାରୀ ପରେ ଏକାଧିକ ଦେଶର ଭୁଶୁଡ଼ି ପଡ଼ିଥିବା ଅର୍ଥନୀତି ଉପରେ ଆଲୋକପାତ କରିଥିଲେ ଯେଉଁଠାରେ ଗତ ୩୦-୪୦ ବର୍ଷ ମଧ୍ୟରେ ମୁଦ୍ରାସ୍ଫୀତି ଏବଂ ବେକାରି ଶୀର୍ଷରେ ରହିଛି। ଏଭଳି ପରିସ୍ଥିତିରେ ଭାରତ କ୍ରମାଗତ ଭାବେ ନୂଆ ରେକର୍ଡ ଓ ପଦକ୍ଷେପ ସୃଷ୍ଟି କରି ଆଗକୁ ବଢୁଛି ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଗତ ୯ ବର୍ଷ ମଧ୍ୟରେ ସରକାର ନେଇଥିବା ନୀତି ଏବଂ ନିଷ୍ପତ୍ତିର ସକାରାତ୍ମକ ପ୍ରଭାବ ଆଜି ଦେଖିବାକୁ ମିଳିଛି । କେବଳ ଗତ ୫ ବର୍ଷ ମଧ୍ୟରେ ୧୩.୫ କୋଟିରୁ ଅଧିକ ଭାରତୀୟ ଦାରିଦ୍ର୍ୟମୁକ୍ତ ହୋଇଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ଦେଶରେ ସ୍ଥିରତା ବଜାୟ ରଖିବାକୁ ନାଗରିକମାନଙ୍କୁ ଅନୁରୋଧ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତକୁ ବିକାଶ ପଥରେ ଆଣିଥିବା ୧୪୦ କୋଟି ନାଗରିକଙ୍କ ପ୍ରୟାସ ବେକାର ଯିବା ଉଚିତ ନୁହେଁ । ଆମକୁ ଭବିଷ୍ୟତ ଉପରେ ନଜର ରଖିବାକୁ ହେବ ଏବଂ ଜାତୀୟ ଲକ୍ଷ୍ୟ ହାସଲ ପାଇଁ ଆମର ସଂକଳ୍ପ ଜାରି ରଖିବାକୁ ହେବ ବୋଲି ସେ କହିଛନ୍ତି। ଆଭ୍ୟନ୍ତରୀଣ ନିରାପତ୍ତା ପାଇଁ ଲୌହପୁରୁଷ ସର୍ଦ୍ଦାର ସାହେବଙ୍କ ଅତୁଟ ଉଦବେଗ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଏ ଦିଗରେ ଗତ ୯ ବର୍ଷ ମଧ୍ୟରେ ନିଆଯାଇଥିବା ପଦକ୍ଷେପ ଏବଂ କିପରି ଆହ୍ୱାନଗୁଡ଼ିକୁ ଦୃଢ଼ତାର ସହ ମୁକାବିଲା କରାଯାଉଛି ଏବଂ ସେନାକୁ ସେମାନେ ପୂର୍ବରୁ ଉପଭୋଗ କରିଥିବା ସଫଳତାରୁ ବଂଚିତ କରି କିପରି ଦୃଢ଼ତାର ସହ ମୁକାବିଲା କରାଯାଉଛି ସେ ବିଷୟରେ ଉଲ୍ଲେଖ କରିଥିଲେ । ଦେଶର ଏକତା ଉପରେ ହେଉଥିବା ଆକ୍ରମଣ ବିରୋଧରେ ସତର୍କ ରହିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ମୋଦୀ ଦର୍ଶାଇଥିଲେ ଯେ ଭାରତର ବିକାଶ ଯାତ୍ରାରେ ସବୁଠାରୁ ବଡ଼ ପ୍ରତିବନ୍ଧକ ହେଉଛି ତୁଷ୍ଟୀକରଣର ରାଜନୀତି ଏବଂ ଗତ କିଛି ଦଶନ୍ଧି ଧରି ଏହା ଦେଖିବାକୁ ମିଳୁଛି ଯେ ତୁଷ୍ଟୀକରଣ ରାଜନୀତିରେ ଲିପ୍ତ ଥିବା ଲୋକମାନେ ମଧ ଆତଙ୍କବାଦ ପ୍ରତି ଆଖି ବୁଜି ମାନବିକତାର ଶତ୍ରୁମାନଙ୍କ ସହ ଠିଆ ହୁଅନ୍ତି । ଦେଶର ଏକତା ପ୍ରତି ବିପଦ ସୃଷ୍ଟି କରୁଥିବା ଏଭଳି ଚିନ୍ତାଧାରା ବିରୋଧରେ ସେ ଚେତାଇ ଦେଇଛନ୍ତି ।ଚଳିତ ଏବଂ ଆଗାମୀ ନିର୍ବାଚନ ସମ୍ପର୍କରେ ପ୍ରଧାନମନ୍ତ୍ରୀ ସକାରାତ୍ମକ ରାଜନୀତିରୁ ସମ୍ପୂର୍ଣ୍ଣ ଅସାମାଜିକ ଏବଂ ଦେଶ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଥିବା ଗୋଷ୍ଠୀ ବିରୋଧରେ ସତର୍କ କରାଇଥିଲେ । ବିକଶିତ ଭାରତର ଲକ୍ଷ୍ୟ ହାସଲ ପାଇଁ ଦେଶର ଏକତା ବଜାୟ ରଖିବା ପାଇଁ ଆମକୁ ସର୍ବଦା ପ୍ରୟାସ ଜାରି ରଖିବାକୁ ପଡ଼ିବ। ଆମେ ଯେକୌଣସି କ୍ଷେତ୍ରରେ ଥାଉ ନା କାହିଁକି, ଏଥିରେ ଆମକୁ ଆମର ଶତ ପ୍ରତିଶତ ଦେବାକୁ ପଡ଼ିବ।

## ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର

ପୁରୀ, (ପି.ଏନ):ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ବିଭାଗ ଆନୁକୂଲ୍ୟରେ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ପିପିଲି ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରରେ ବ୍ଲକ ଉନ୍ନୟନ ଅଧିକାରୀ ସରୋଜ କୁମାର ରାଉତ ସଭାପତିତ୍ୱ କରିବା ସଙ୍ଗେ ସଙ୍ଗେ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ବିଭୁତି ଭୂଷଣ ନାୟକ ସରକାରଙ୍କର ବିଭିନ୍ନ ଆର୍ଥିକ ଯୋଜନା, ବୀମା ଯୋଜନା ଓ ତାର ସୁଫଳ ଉପରେ ଆଲୋକପାତ କରିଥିଲେ । ପୁରୀ ତାଙ୍କ ବିଭାଗର ଅଧିକ୍ଷକ ରତନ ଜେନା ତାଙ୍କର ବକ୍ତବ୍ୟରେ ଲୋକମାନେ କିପରି ସେମାନଙ୍କର କଷ୍ଟ ଉପାର୍ଜିତ ଧନକୁ ଡାକଘରେ ଓ ବିଭିନ୍ନ ପ୍ରକାରର ସ୍ୱୀକୃତିପ୍ରାପ୍ତ ବ୍ୟାଙ୍କ ଗୁଡିକରେ ଜମା ରଖିବାକୁ ପରାମର୍ଶ ଦେଇଥିଲେ ।ଇଣ୍ଡିଆ ପୋଷ୍ଟ ପେମେଂଟ ବ୍ୟାଙ୍କର ସିନିଅର ମ୍ୟାନେଜର ପ୍ରୀତ୍ୟୁଷ କୁମାର ସ୍ୱାଇଁ ପୋଷ୍ଟାଲର ଡିଜିଟାଲ କାରବାର ଉପରେ ଗୁରୁତ୍ୱାରୋପ କରିବା ସହିତ ପ୍ରତି ପଂଚାୟତରେ କିପରି ବ୍ୟାଙ୍କ ସେବା ପହଂଚାଯାଇପାରିବ ଓ ଲୋକମାନେ କିପରି ଠକାମୀରୁ ନିଜକୁ ନିବୃତ ରଖିପାରିବେ ସେ ବିଷୟରେ ସୂଚନା ଦେଇଥିଲେ । ଏବିଡିଓ ଶ୍ରୀମତୀ ଶୈଳବାଳା ତ୍ରିପାଠୀ ବ୍ଲକ ସ୍ତରରେ ଓ ଜିଲ୍ଲା ସ୍ତରରେ ମିଳୁଥିବା ସରକଙ୍କର ଦେୟମୁକ୍ତ କୁପନ ସମ୍ପର୍କରେ ଅବଗତ କରିଥିଲେ । ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ବିଭୁତି ଭୂଷଣ ନାୟକ ସଭା ପରିଚାଳନା କରିଥିଲେ ଓ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।ପ୍ରାୟ ୧୦୦ ଜଣ ଅଙ୍ଗନବାଡି କର୍ମୀ ଓ ସ୍ୱୟଂ ସହାୟକ ସଭ୍ୟା ଅଭିକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ବଲାଙ୍ଗିର ଜିଲ୍ଲା କରାଟେ ସଂଘକୁ ୧୭ ପଦକ

ବଲାଙ୍ଗିର, (ପି.ଏନ): ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ଠାରେ ୩୫ତମ ସବ୍ ଜୁନିୟର ରାଜ୍ୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟର ସମସ୍ତ ଜିଲ୍ଲାରୁ ସର୍ବମୋଟ ୪୨୧ ଜଣ କରାଟେକା ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତା ୨୮ ଓ ୨୯ ଅକ୍ଟୋବର ଦୁଇ ଦିନ ଧରି ଆୟୋଜିତ ହୋଇଥିବା ବେଳେ ବଲାଙ୍ଗିର ଜିଲ୍ଲାରୁ ୨୬ ଜଣ ପ୍ରତିଯୋଗି ଭାଗ ନେଇଥିଲେ । ଆନନ୍ଦିତା ସାହୁ ୬ ବର୍ଷ ବାଳିକା କାତାରେ ବ୍ରୋଞ୍ଜ, ଦିପିକା ଭୋଇ ୮ ବର୍ଷ ବାଳିକା କୁମିତିରେ ବ୍ରୋଞ୍ଜ, ହର୍ଷିତା ସିଂ ୯ ବର୍ଷ ବାଳିକା କୁମିତିରେ ରୌପ୍ୟ, କାତାରେ ବ୍ରୋଞ୍ଜ, ସୁପ୍ରିୟା ସାହୁ ୧୦ ବର୍ଷ ବାଳିକା କୁମିତିରେ ସ୍ୱର୍ଣ୍ଣ, ସମିକ୍ଷା ସମୃଦ୍ଧି ଷଡଙ୍ଗୀ ୧୧ ବର୍ଷ ବାଳିକା କୁମିତିରେ ସ୍ୱର୍ଣ୍ଣ, ତନିସା ସାହୁ କୁମିତିରେ ରୌପ୍ୟ, କାତାରେ ବ୍ରୋଞ୍ଜ, ଲୋକେଶ ବାଗ କୁମିତିରେ ବ୍ରୋଞ୍ଜ, ପ୍ରିୟଦର୍ଶନୀ ଦୀପ ୧୨ ବର୍ଷ ବାଳିକା କୁମିତିରେ ବ୍ରୋଞ୍ଜ, ଅଂଶୁମାନ ପୃଷ୍ଟି କୁମିତିରେ ବ୍ରୋଞ୍ଜ, ଜୟମ ସାହୁ କୁମିତିରେ ସ୍ୱର୍ଣ୍ଣ, ତମନ୍ନା ମେହେର ୧୩ ବର୍ଷ ବାଳିକା କୁମିତିରେ ସ୍ୱର୍ଣ୍ଣ, କାତାରେ ରୌପ୍ୟ ପଦକ, ତନ୍ମୟ ବଗର୍ତି କୁମିତିରେ ବ୍ରୋଞ୍ଜ, ଜିଆନ ରାଇମନ ବ୍ରୋଞ୍ଜ । ୧୧-୧୩ ବର୍ଷ ବାଳିକା ଟିମ୍ କାତାରେ ଅନୁଷ୍କା ପଟ୍ଟନାୟକ, ଅଭିପଶା ହୋତା, ତମନ୍ନ ମେହେର ବ୍ରୋଞ୍ଜ ପଦକ ହାସଲ କରିଥିଲେ । ବଲାଙ୍ଗିରରୁ ୪ ଜଣ ସୁରେଶ ଜାଲ, ହୃଦୟ ଶବର, ଚନ୍ଦ୍ରଶେଖର ସେଠ ଓ ବ୍ୟାମୋକେଶ ବେହେରା ରେଫରି ଓ ଜଜ୍ ର କାର୍ଯ୍ୟ ତୁଲାଇ ଥିଲେ ।

ଏହି ପରିପ୍ରେକ୍ଷୀରେ ବଲାଙ୍ଗିର ଜିଲ୍ଲା କରାଟେ ସଂଘର ସଭାପତି ଦେବବ୍ରତ ବେହେରା, ଉପଦେଷ୍ଟା ମାନୁଏଲ ନାଗ, ସହ-ସଂପାଦକ ସରୋଜକାନ୍ତ ବେହେରା, କୋଷାଧକ୍ଷ ଗୋପାଳ ଚନ୍ଦ୍ର ଦୀପ ଅଭିନନ୍ଦନ ଜଣାଇଛନ୍ତି । ଜିଲ୍ଲା ଦଳ ସହିତ କୋଚ ରାହୁଲ ଜାଲ, ଟିମ୍ ମେନେଜର ରାଜେନ୍ଦ୍ର ବାଗ ଓ ଅସିମ ଭୋଇ ଭୁବନେଶ୍ୱର ଗସ୍ତ କରିଥିଲେ । ସ୍ୱର୍ଣ୍ଣ ପଦକ ବିଜେତା ୪ ଜଣ ପ୍ରତିଯୋଗୀ ଆସନ୍ତା ମାସ ନଭେମ୍ବର ୧୮ ଓ ୧୯ ତାରିଖ ଦିଲ୍ଲୀ ର ତାଲକୋଟରା ଇନଡ୍ରୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ଜାତୀୟ କରାଟେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା ସଂପାଦକ ହୃଦୟ ଶବର ପ୍ରକାଶ କରିଛନ୍ତି ।

## କାନରେ ଟ୍ୟୁମର, ଚିକିତ୍ସା ଅପେକ୍ଷାରେ ଦଶ ବର୍ଷର ନରେନ୍ଦ୍ର

ନୂଆପଡ଼ା, (ପି.ଏନ): ବୟସ ଦଶ ବର୍ଷ, ହସିବା ଖେଳିବା ବୟସ। ଏ ବୟସରେ କିନ୍ତୁ ଜୀବନ ସହ ଲଢ଼ିବାକୁ ପଡୁଛି। ଆର୍ଥିକ ଅବସ୍ଥା ଖରାପ ଥିବାରୁ ଅସ୍ତ୍ରୋପଚାର ହୋଇ ପାରୁନି। ଖଡିଆଳ ବ୍ଲକ ସାନମହେଶ୍ୱର ଗ୍ରାମପଂଚାୟତର ବଡ ମହେଶ୍ୱର ଗ୍ରାମ। ଗ୍ରାମର ମଙ୍ଗଲୁ ହରିଜନ ଓ ବେଲମତି ହରିଜନଙ୍କ ପୁଅ ନରେନ୍ଦ୍ର। ବୟସ ଦଶ ବର୍ଷ, ଗାଆଁ ସ୍କୁଲରେ ଚତୁର୍ଥ ଶ୍ରେଣୀରେ ପଢୁଛି। ନରେନ୍ଦ୍ର ଏବେ ଅସହ୍ୟ ଯନ୍ତ୍ରଣାରେ ଦିନ କାଟୁଛି। ଟ୍ୟୁମର ପାଇଁ ତାହାର ଡାହାଣ କାନ ବଢ଼ିବାକୁ ଲାଗିଛି। ସେହି କାନରେ ଶୁଣି ପାରୁ ନାହିଁ। ଅସ୍ତ୍ରୋପଚାର କଲେ ସେ ଭଲ ହୋଇ ପାରନ୍ତା, କିନ୍ତୁ ଆର୍ଥିକ ଅବସ୍ଥା ଖରାପ ଥିବାରୁ ଓ ସ୍ମାର୍ଟ୍ କାର୍ଡ ନଥିବାରୁ ଅସ୍ତ୍ରୋପଚାର କରାଯାଇ ପାରୁନି। ନରେନ୍ଦ୍ର ଜନ୍ମ ପରେ ଜଣାପଡିଲା ତାର ଡାହାଣ କାନରେ ଦୁଇ ଶହ ଗ୍ରାମର ଟ୍ୟୁମର ରହିଛି। ଗର୍ଭରେ ଥିବା ବେଳେ ଟ୍ୟୁମର ବଢ଼ିଥିବା ନୂଆପଡ଼ା ଡାକ୍ତର କହିଲେ। ତାଙ୍କୁ ସାଙ୍ଗେ ସାଙ୍ଗେ କଟକ ଶିଶୁ ଭବନରେ ଭର୍ତି କରାଗଲା। ସେଠାରେ ଡାକ୍ତର ଅସ୍ତ୍ରୋପଚାର କରି ଟ୍ୟୁମର କାଢି ଦେଇଥିଲେ। ସେହି ଦିନରୁ ନରେନ୍ଦ୍ର ଭଲ ଥିଲା ଓ କାନର ଅବସ୍ଥା ସ୍ୱାଭାବିକ ଥିଲା। ଏବେ କିନ୍ତୁ ତିନି ମାସ ହେଲା କାନ ବଢିବା ସହ ଭିତରେ ଗହ୍ୱର ବନ୍ଦ ହୋଇ ଯାଉଛି। ଫଳରେ ସେ ଆଉ ଶୁଣି ପାରୁନି। ମୋତେ ଅପରେସନ କରି ନିଅ ବୋଲି ବାପା ମାଙ୍କୁ ବାରମ୍ବାର କହୁଛି, କିନ୍ତୁ ଆର୍ଥିକ ଅବସ୍ଥା ଏତେ ଖରାପ ଯେ ପୁଅର ଆକୁଳ ନିବେଦନକୁ ଛାତି ପଥର କରି ସହିବାକୁ ପଡୁଛି। ସରକାରୀ ସହଯୋଗ କଲେ ପୁଅର ଚିକିତ୍ସା କରାଇ ପାରିବେ ବୋଲି ସେମାନେ କହନ୍ତି। ମଙ୍ଗଲୁଙ୍କ ପରିବାର ବହୁତ ଗରିବ। ଜମିବାଡ଼ି ନାହିଁକି ଗାଆଁରେ କାମ ଧନ୍ଦାର ସୁବିଧା ନାହିଁ। ସେଥିପାଇଁ ପ୍ରତିବର୍ଷ ସେ ହାଇଦ୍ରାବାଦ ଦାଦନ ଖଟିବାକୁ ଯାଆନ୍ତି। ଦାଦନ ଯାଇଥିବା ବେଳେ ତାଙ୍କର ପ୍ରଥମ ପୁଅ, ଯାହାକୁ ତିନି ବର୍ଷ ହୋଇଥିଲା ସେ ପାଣିରେ ବୁଡି ମରି ଯାଇଥିଲା। ସେହି ପୁଅକୁ ଝୁରି ଝୁରି ଦିନ କାଟୁଥିବା ବେଳେ ନରେନ୍ଦ୍ରକୁ ଦେଖି ଦୁଃଖ ଭୁଲୁଥିଲେ ଦୁଇ ପ୍ରାଣୀ। ଏବେ କିନ୍ତୁ ସେ ମଧ ଜୀବନ ଜୀଇଁବା ପାଇଁ ଲଢେଇ କରୁଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ତାଙ୍କୁ ସ୍ମାର୍ଟ୍ କାର୍ଡ ମିଳି ନ ଥିବା ଜଣାପଡିଛି। ପୁଅର ଅସ୍ତ୍ରୋପଚାର ପାଇଁ ସ୍ୱାମୀ ସ୍ତ୍ରୀ ସରକାରଙ୍କୁ ନିବେଦନ କରିଛନ୍ତି ।ଏନେଇ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାକେନ୍ଦ୍ରର ଇନଚାର୍ଜ ଡାକ୍ତର ରଞ୍ଜିତ ରାଉତଙ୍କୁ ପଚାରିବାରୁ ନରେନ୍ଦ୍ରର ଚିକିତ୍ସା ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯିବ ବୋଲି କହିଥିଲେ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Thursday November 02, 2023 ଭୁବନେଶ୍ୱର ଗୁରୁବାର, ନଭେମ୍ବର ୦୨,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ସମ୍ବଲପୁରୀ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ କ୍ରେତା ବିକ୍ରେତା ସମ୍ମିଳନୀ ଉଦଯାପିତ

ପୁରୀ,(ପି.ଏନ):ଭାରତୀୟ ଉଦ୍ୟମିତା ବିକାଶ ସଂସ୍ଥା, (ଅହମଦାବାଦ) ଗୁଜୁରାଟ ଏବଂ ହ୍ୟାଣ୍ଡମେଡ୍ ଇନ୍ ଇଣ୍ଡିଆ ପ୍ରୋଜେକ୍ଟ କ୍ଲଷ୍ଟର ମିଶନ ଅଫିସ୍ ,ବରପାଲି ତରଫରୁ ଏଚ୍.ଏସ.ବି.ସି ବ୍ୟାଙ୍କ୍ ସହାୟତାରେ ପୁରୀ ବଡ଼ଦାଣ୍ଡ ସ୍ଥିତ ହୋଟେଲ ଟିପି ଠାରେ ଆୟୋଜିତ ହୋଇଯାଇଛି ଦୁଇ ଦିନିଆ କ୍ରେତା ବିକ୍ରେତା ସମ୍ମିଳନୀ ଓ ସମ୍ବଲପୁରୀ ହସ୍ତ ତନ୍ତ ପ୍ରଦର୍ଶନୀ। ସମ୍ବଲପୁରୀ ହସ୍ତତନ୍ତ ର ପ୍ରଚାର ପ୍ରସାର କରିବା ସହ ସ୍ଥାନୀୟ ବଜାରରେ ଏହାର ଚାହିଦା ବୃଦ୍ଧି କରିବା ଏବଂ କ୍ରେତା ମାନଙ୍କ ସହିତ ବୁଣାକାର ମାନେ କିପରି ସିଧା ସଳଖ ଯୋଗାଯୋଗ କରି ଉଚିତ୍ ମୂଲ୍ୟ ପାଇ ପାରିବେ,ସେହି ଉଦ୍ଦେଶ୍ୟ ରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରଗଡ଼ କ୍ଲଷ୍ଟର ର ୧୭ ଟି ବୁଣାକାର ପରିବାର ନିଜର ହସ୍ତତନ୍ତ ପୋଷାକ ପ୍ରଦର୍ଶନ କରିବା ସହିତ କ୍ରେତା ମାନଙ୍କୁ ସେମାନଙ୍କର ଉତ୍ପାଦ ସମ୍ପର୍କରେ ବୁଝାଇଥିଲେ। ପୁରୀର ପ୍ରତିଷ୍ଠିତ ଶାଢ଼ୀ ଓ ଲୁଗା ବ୍ୟବସାୟୀ ମାନେ ଏହି କର୍ମଶାଳାରେ ଯୋଗ ଦେଇ ଏହା ମାଧ୍ୟମରେ ବୁଣାକାର ମାନଙ୍କ ସହିତ ସିଧା ସଳଖ ଯୋଗାଯୋଗ ହୋଇପାରି ଥିବାରୁ ଆଗକୁ ଏହା କ୍ରେତା ବିକ୍ରେତା ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିପାରିବେ ବୋଲି ମତ ଦେଇଥିଲେ। କର୍ମଶାଳା ଓ ପ୍ରଦର୍ଶନୀର ଉଦଯାପନୀ ସନ୍ଧ୍ୟାରେ ପୁରୀ ଉପ ଜିଲ୍ଲାପାଳ ଭବତାରଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଜାର ଚାହିଦା କୁ ଦେଖି ବୁଣାକାର ମାନେ ଡିଜାଇନ୍ ପ୍ରସ୍ତୁତ କରିବା ଆବଶ୍ୟକ ବୋଲି କହିଥିଲେ ।ଅନ୍ୟ ତମ ଅତିଥି ଭାବରେ ସମାଜକର୍ମି ସିଦ୍ଧାର୍ଥ ରାୟ ଯୋଗ ଦେଇ ବର୍ତ୍ତମାନ ସମୟରେ ଅନଲାଇନ ଟ୍ରେଡିଂ ଚାହିଦା ରହିଥିବାରୁ ଅନଲାଇନ୍ ମାଧ୍ୟମରେ ବୁଣାକାର ମାନେ ନିଜର ସାମଗ୍ରୀକୁ କିପରି ସିଧା ସଳଖ ବିକ୍ରୟ କରିପାରିବେ ସେ ବ୍ୟବସ୍ଥା ହେବା ଆବଶ୍ୟକ ବୋଲି ମତ କହିଥିଲେ। ଏହି କାର୍ଯ୍ୟକ୍ରମକୁ ହ୍ୟାଣ୍ଡ ମେଡ ଇନ୍ ଇଣ୍ଡିଆ ପ୍ରୋଜେକ୍ଟର କ୍ଲଷ୍ଟର ନୋଡାଲ ଅଫିସର ବିଷ୍ଣୁ ପ୍ରସାଦ ପଣ୍ଡା ଓ କମ୍ୟୁନିଟି ମୋବିଲାଇଜର ଦୟାନନ୍ଦ ରାୟ ପରିଚାଳନା କରିଥିଲେ।



## ନିସିଦ୍ଧ ଔଷଧ କଫ ସିରଫ ବିକ୍ରି ଅଭିଯୋଗରେ ଅଭିଯୁକ୍ତ ଗିରଫ

ପୁରୀ, (ପି.ଏନ):ବାସେଲିସାହି ପୁଲିସ ନିସିଦ୍ଧ ଔଷଧ କଫ ସିରଫ ବିକ୍ରି ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବାସେଲିସାହି ଥାନା ଅଧୀନ ଜଗନ୍ନାଥ ବସ୍ତିର ଜଡ ବେହେରା(୩୨) ବୋଲି ସୂଚନା ମିଳିଛି। ପୁଲିସ ଅଭିଯୁକ୍ତ ନିକଟରୁ ୩୦ଟି ନିସିଦ୍ଧ କଫ ସିରଫ ଜବତ କରିଛି। ସୂଚନା ମୁତାବକ,ବାସେଲିସାହି ଥାନା ଏଏସଆଇ ଅର୍ଜୁନ ସେଠୀ ଥାନା ଅଚଂଳରେ ପାଟ୍ରୋଲିଂ କରୁଥିବା ବେଳେ,ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଲା ଯେ ଜଗନ୍ନାଥ ବସ୍ତି ଛକରେ ଜଣେ ଯୁବକ ବେଆଇନଭାବେ ନିସିଦ୍ଧ ଔଷଧ କଫ ସିରଫ ବିକ୍ରି କରୁଛି।

# ପୁରୀ ସଦର ଭିକାରୀପଡା ଗ୍ରାମରେ ବେଦାନ୍ତ ବିରୋଧିଙ୍କ ବୈଠକ

ପୁରୀ, (ପି.ଏନ):ପୁରୀ ସଦର ଚାଳିଶିବାଟିଆ ପଚାଂୟତର ଭିକାରୀପଡା ଗ୍ରାମରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ସଂଘର୍ଷ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ବତନ ବିଧାୟକ ତଥା ବେଦାନ୍ତ ବିଶ୍ୱବିଦ୍ୟାଳୟ ସଂଘର୍ଷ ସମିତିର ଆବାହକ ଉମାବଲ୍ଲଭ ରଥ ଯୋଗ ଦେଇ ବିଶ୍ୱବିଦ୍ୟାଳୟ ଆଳରେ ଅନୀଲ ଅଗ୍ରୱାଲା ଫାଉଣ୍ଡେସନର ଜମି ହଡପର ଆଭିମୁଖ୍ୟ,ରାଜ୍ୟ ସରକାରଙ୍କ ଆଖିବୁଜା କମ୍ପାନୀ ପ୍ରୀତି ହିଁ ମୁଖ୍ୟ ଉଦ୍ଦେଶ୍ୟ। ଏପରିକି ଏହି ମାମଲାରେ ଲୋକପାଳ ଓ ହାଇକୋର୍ଟରେ ବେଆଇନ ଘୋଷଣା ପରେ ବି ରାଜ୍ୟ ସରକାର ସୁପ୍ରିମକୋର୍ଟ ଯାଇଛନ୍ତି। ସେଠାରେ ମାମଲା ତର୍ଜମା ପରେ ବହୁ ଦୁର୍ନୀତି ଓ ବେଆଇନ ଘଟଣାର ପର୍ଦ୍ଦାଫାସ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଛନ୍ତି। ବେଦାନ୍ତ କମ୍ପାନୀ ଜନସାଧାରଣଙ୍କୁ ଭୁଆଁ ବୁଲାଇ ଚାଷୀମାନଙ୍କ ଜମିକୁ ହରିଲୁଟ କରିବା ପାଇଁ ଜାଲ କମ୍ପାନୀ ବନାଇଛନ୍ତି। କେତେ ସଂଘର୍ଷପୂର୍ଣ୍ଣ ଥିଲା ଦୀର୍ଘ ୧୭ବର୍ଷର ଲଢେଇ ସେ ବିଷୟରେ ଲୋକଙ୍କୁ ବିସ୍ତୃତଭାବେ ବୁଝାଇଥିଲେ। ଆଗାମୀ ଦିନରେ ଚାଷୀମାନେ କିଭଳି ତାଙ୍କ ଜମିକୁ ପୁନର୍ବାର ନିଜ ନାମକୁ ଫେରି ପାଇବେ ଓ ମାନ୍ୟବର ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ ବିଷୟରେ ଭିକାରୀପଡା ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ ବେଦାନ୍ତ ସଂଘର୍ଷ ସମିତିର ସଂଯୋଜକ ବିଷ୍ଣୁ ପ୍ରସାଦ ମିଶ୍ର ସଭାପତିତ୍ୱ କରିଥିଲେ। ଏହି ସଭାରେ ବରିଷ୍ଠ ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ ଉମା ବଲ୍ଲଭ ରଥଙ୍କୁ ପ୍ରଶଂସା କରିବା ସହ ଗ୍ରାମବାସୀଙ୍କୁ ତାଙ୍କ ପରି ଜଣେ ସଚ୍ଚୋଟ ଓ ନିର୍ଭିକ ନେତାଙ୍କ ହାତମୁଠାକୁ ଟାଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ସଂଘର୍ଷ ସମିତିର ସଭାପତି ଦାମୋଦର ପ୍ରଧାନ,ହରପ୍ରସାଦ ଜେନା,ଅବିନାଶ ମିଶ୍ର,ପର୍ଶୁରାମ ପ୍ରଧାନ,ରାମ ପ୍ରଧାନ,ବୈରାଗୀ ପ୍ରଧାନ,ସଦାଶିବ ପ୍ରଧାନ,ସୁଦାମ ପ୍ରଧାନ ଏବଂ ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ-

# ଆଦିତ୍ୟ ଆଲୁମିନିୟମ- ନିକ୍ଷୟ ମିତ୍ର ହେଲା

ସମ୍ବଲପୁର ,(ପି.ଏନ): ଅଓଦିତ୍ୟ ଆଲୁମିନିୟମ, ଟିବି ୟୁନିଟ ରେଙ୍ଗାଲି ଓ ଟିବି ନିରାକରଣ ବିଭାଗ ସମ୍ବଲପୁରର ମିଳିତ ସହଯୋଗରେ ରେଙ୍ଗାଲି ସ୍ଥିତ ଡଟ୍ ସେଣ୍ଟରରେ ଏକ ସଭାର ଆୟୋଜନ ହୋଇଥିଲା। ଆଦିତ୍ୟ ଆଲୁମିନିୟମ ଚଳିତ ବର୍ଷ ନିକ୍ଷୟ ମିତ୍ର ରୂପରେ ପଞ୍ଜିକରଣ ହୋଇଅଛି । ଏହା ଅଧିନସ୍ଥ ରେଙ୍ଗାଲି ବ୍ଲକରେ ଥିବା ସମସ୍ତ ଟିବି ରୋଗୀମାନଙ୍କୁ ପୋଷ୍ୟ ରୂପରେ ଗ୍ରହଣ କରିଅଛି ଓ ଆଗାମୀ ୬ ମାସ ଯାଏ ସମସ୍ତ ରୋଗୀ ମାନଙ୍କୁ ପୃଷ୍ଟି ଯୁକ୍ତ ଖାଦ୍ୟ କିଟ୍ ପ୍ରଦାନ କରିବାକୁ ଧାର୍ଯ୍ୟ କରିଅଛି । ସାରା ବିଶ୍ୱରେ ଯକ୍ଷ୍ମାରୋଗର ବ୍ୟାପକତା ବୃଦ୍ଧି ପାଉଥିବାରୁ ଏହାର ନିରାକରଣ ତଥା ରେଙ୍ଗାଲି ବ୍ଲକକୁ ଯକ୍ଷ୍ମା ମୁକ୍ତ କରିବାର ଲକ୍ଷ ନେଇ ଆଦିତ୍ୟ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଏହା ଏକ ପ୍ରୟାସ। ଆୟୋଜିତ ହୋଇଥିବା ସଚେତନତା ସଭାରେ, ଡ଼ଃ ଶୁଭମ୍ ସିଂ (ରେଙ୍ଗାଲି) , ସୁଶ୍ରୀ କଲ୍ୟାଣୀ ବାରିକ (ଡି ପି ସି ସମ୍ବଲପୁର), ଶ୍ରୀମତୀ ଶ୍ୱେତା ଉପାଧ୍ୟାୟ( ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ, ଆଦିତ୍ୟ ଆଲୁମିନିୟମ, ଲପଙ୍ଗ। ) ଶ୍ରୀମତୀ ସନ୍ଧ୍ୟା ରାଣୀ କିସ ।ନ୍ (ନାଏବ ସରପଞ୍ଚ,ରେଙ୍ଗାଲି) ଶ୍ରୀ ନରେଶ ଚନ୍ଦ୍ର ଶର୍ମା (ୱାର୍ଡ ମେମ୍ବର ରେଙ୍ଗାଲି)ଶ୍ରୀ ସୁରେନ୍ଦ୍ର କୁମାର ବେହେରା (ଫାର୍ମାସିଷ୍ଟ) ଶ୍ରୀ ମନୋରଞ୍ଜନ ବେହେରା(ଉପ ପ୍ରବନ୍ଧକ, ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ) ବକ୍ତବ୍ୟ ରଖିଥିଲେଯେ, ଯକ୍ଷ୍ମା ନିରାକରଣ ଏକ ସାମାଜିକ ଆନ୍ଦୋଳନ ଓ ଏହାର ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ସାମୁହିକ ପ୍ରୟାସ ତଥା ଦୃଢ ଇଛାଶକ୍ତିର ଆବଶ୍ୟକତା। ସୁଶ୍ରୀ କଲ୍ୟାଣୀ ବାରିକ ଯକ୍ଷ୍ମା ରୋଗର କାରଣ ଓ ନିରାକରଣ ସମ୍ବନ୍ଧରେ ସବିଶେଷ ଆଲୋଚ଼ନା କରିଥିଲେ ଓ ଉକ୍ତ ସଭାରେ ଶ୍ରୀମତୀ ଶୁଭଶ୍ରୀ ଦାସ (ଏସ ଟି ଏସ ରେଙ୍ଗାଲି), ଶ୍ରୀଯୁକ୍ତ ମନୋରଞ୍ଜନ ପଧାନ, ସୁଶ୍ରୀ ପୂଜା ଘୋଷ, ଶ୍ରୀଯୁକ୍ତ ମଳୟ ନାୟକ ସମେତ ଆଦିତ୍ୟ ଆଲୁମିନିୟମରେ କାର୍ଯ୍ୟ ପ୍ରାରମ୍ଭ କରିଥିବା ଯୁବ ଇଞ୍ଜିନିୟର ମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମଟି ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ପାରିଥିଲା ଓ ସର୍ବଶେଷରେ ଆଦିତ୍ୟ ଆଲୁମିନିୟମ ଦ୍ୱାରା ୨୦୨୨ ରୁ ପ୍ରାରମ୍ଭ ହୋଇଥିବା ଟି ବି ନିରାକରଣ ଅଭିଯାନ ବିଷୟରେ ଆଲୋଚ଼ନା କରାଯାଇ ଉପସ୍ଥିତ ରୋଗୀଙ୍କୁ ପୃଷ୍ଟିଯୁକ୍ତ ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହା ପ୍ରତି ମାସ ୧୪ ତାରିଖରେ ବଣ୍ଟାଯିବା ପାଇଁ ଜଣ ସାଧାରଣଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିଲା।



# ଗ୍ୱାଲିୟର : ଘରେ ରଖିଥିବା ଅବୈଧ ବିସ୍ଫୋଟକର ଜୋରଦାର ବିସ୍ଫୋରଣ , ଉଡ଼ିଲା ଛାତ

ଗ୍ୱାଲିୟର, (ପି.ଏନ): ସହରର ଶଙ୍କର ନଗର ସ୍ଥିତ ଗୋଲ ପାହାଡ଼ି ଅଂଚଳରେ ମଙ୍ଗଳବାର ଦିନ ଗୋଟିଏ ଘରେ ଅବୈଧ ରୂପରେ ରଖିଥିବା ବାଣରେ ବିସ୍ଫୋରଣ ହୋଇଯାଇଛି। ବିସ୍ଫୋରଣ ଏତେ ତୀବ୍ର ଥିଲା ଯେ ଘରର ଛାତ ଉଡ଼ିଯାଇଥିଲା ଏବଂ ପୁରା ଘରେ ନିଆଁ ଲାଗିଯାଇଥିଲା। ପାଟନାରେ ଏକ ମହିଳା ଗୁରୁତ ଆହତ ହୋଇଛନ୍ତି, ଯାହାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସୂଚନା ମିଳିବା ପରେ ପୋଲିସ୍ ଘଟଣାସ୍ଥଳରେ ପହଂଚିଥିଲା ଏବଂ ଫାୟାର ବ୍ରିଗେଡ ସାହାଯ୍ୟରେ ନିଆଁକୁ ଆୟତ କରିଥିଲେ। ପୋଲିସ୍ ମାମଲାର ଯାଂଚ କରୁଛି। ସୂଚନାନୁଯାୟୀ ଜନକଗଂଜ ଥାନା ଅଂଚଳର ଶଙ୍କର କଲୋନୀରେ ଏକ ଘରେ ଅବୈଧ ଉପାୟରେ ଅଧିକ ମାତ୍ରାରେ ବାଣ ଏକାଠି କରି ରଖାଯାଇଥିଲା। ମଙ୍ଗବାର ଦିନ ସକାଳେ ଅଚାନକ ବାଣରେ ନିଆଁ ଲାଗିଯାଇଥିଲା ଏବଂ ଏହାପରେ ଜୋର୍‌ଦାର ବିସ୍ଫୋରଣ ହୋଇଯାଇଥିଲା। ବିସ୍ଫୋରଣ ହେବାରୁ ଘରର ଛାତ ମଧ୍ୟ ଗଳିପଡ଼ିଥିଲା, ଯାହାର କବ୍‌ଜାରେ ଆସି ଜଣେ ମହିଳା ଗୁରୁତର ଆହତ ହୋଇଥିଲେ। ଘରେ ହୋଇଥିବା ବିସ୍ଫୋରଣରେ ପୁରା ଅଂଚଳରେ ଭୟଙ୍କର ପରିବେଶ ସୃଷ୍ଟିହୋଇଥିଲା। ପୋଲିସ୍ ମାମଲାର ଯାଂଚ କରୁଛି।

# ଗଡ଼ରକ୍ଷା ପାଇଁ କର୍ମୀଙ୍କ ପଛରେ ଗୋଡାଉଛନ୍ତି ଦିଲ୍ଲୀପ

ନିମାପଡା,(ପି.ଏନ): ନିମାପଡା ଗୋପ ନିର୍ବାଚ଼ନ ମଣ୍ଡଳୀ ର ୪୬ଟି ପଞ୍ଚାୟତର ଅସନ୍ତୁଷ୍ଟ କର୍ମୀଙ୍କୁ ଗୋଟାଇବାକୁ ନିମାପଡା ର ବିଜେପି ରେ ମିଶିଥିବା ଦିଲ୍ଲୀପ ନାୟକ ବାରମ୍ବାର ନିମାପଡା ଗସ୍ତ କରୁଛନ୍ତି।ତୁହାକୁ ତୁହା ନିମାପଡା ଆସି କର୍ମୀ ମାନଙ୍କୁ ବୁଝା ସୁଝା ସହିତ ବିଭିନ୍ନ ଆଶ୍ୱାସନା ଦେଇ ନିର୍ବାଚ଼ନ ବୈତରଣୀ ପାର ହେବାକୁ ଚେଷ୍ଟା କରୁଥିବା କିଛି ଅସନ୍ତୁଷ୍ଟ କର୍ମୀ କହିଛନ୍ତି। ଏ ସବୁ ଭିତରେ ବର୍ଷ ବର୍ଷ ଧରି ଦଳରେ ରହିଥିବା ତୁଙ୍ଗ ନେତା ମାନେ ଦିଲ୍ଲୀପଙ୍କ ଗୋଛି କାଟିବାକୁ ବସିଥିବା ନେଇ ସାଧାରଣ ରେ ଚ଼ର୍ଚ୍ଚା ହେଉଛି। ଏପଟେ ଦିଲ୍ଲୀପ କଂଗ୍ରେସର ହାତ ଛାଡିବା ପରେ ବିଜେପି ର ଗଡ଼ ରକ୍ଷା ପାଇଁ ଦିଲ୍ଲୀପ ଙ୍କ ପାଇଁ କର ବା ମର ପରିସ୍ଥିତି ସୃଷ୍ଟି ହୋଇଛି। ଆଉ କେଇଟା ମାସ ପରେ ସାଧାରଣ ନିର୍ବାଚ଼ନ ଅନୁଷ୍ଠିତ ହେବ। ଏଥିପାଇଁ ସବୁଦଳ ନିଜ ନିଜର ପ୍ରସ୍ତୁତି ଆରମ୍ଭ କରିଦେଲେଣି ନିମାପଡା ଗୋପ ଭୋଟର ମାନେ ପରିବର୍ତ୍ତନ ର ସ୍ୱର ଚ଼ାହୁଁଥିବା ବେଳେ କିଭଳି ଭୋଟର ଙ୍କୁ ପାଲରେ ପକାଇବେ ସେଥିପାଇଁ କୁଚ଼କ୍ର ଗୋଷ୍ଠିଙ୍କ ଦ୍ୱାରା ଲୋକଙ୍କୁ ଲାଳାୟତ କରୁଛନ୍ତି। କିଛି ହାତ ଗଣତି ଲୋକଙ୍କୁ ନେଇ ଦିଲ୍ଲୀପ ନାୟକ ନିଜର ଦମ୍ଭ ଦେଖାଉଥିବା ବେଳେ ଆସନ୍ତା ନିର୍ବାଚ଼ନରେ ୪୬ଟି ପଞ୍ଚାୟତର ଲୋକମାନେ ଜବାବ ଦେବେ ବୋଲି କହିଛନ୍ତି। କିଛି ଦିନ ତଳେ ଅଫିସ ଠାରେ କିଛି ଅସନ୍ତୁଷ୍ଟ ଗୋଷ୍ଠିର ସଦସ୍ୟଙ୍କୁ ଡାକି ଏକ ବୈଠକର ଆୟୋଜନ କରାଯାଇଥିଲା ଆଲୋଚ଼ନାରେ ଲୋକଙ୍କୁ ସୁବିଧା ଅସୁବିଧା ସମ୍ପର୍କରେ ପଚ଼ରା ଯାଇଥିଲା। କିନ୍ତୁ ଅସନ୍ତୁଷ୍ଟ କର୍ମୀମାନେ ମଧ୍ୟ ଦିଲ୍ଲୀପ ଙ୍କୁ କଡା ଜବାବ ଦେଇଥିବା ଜଣାପଡିଛି। ଦିଲ୍ଲୀପ ଗତ ନିର୍ବାଚ଼ନ ରେ ସ୍ୱାଧୀନ ରୁ ଠିଆ ହେବା ନେଇ ପ୍ରଚ଼ାର ପ୍ରସାର କରିଥିଲେ ମଧ୍ୟ ଶେଷ ମୁହୂର୍ତ୍ତ ରେ କଂଗ୍ରେସ କୁ ଲମ୍ଫ ପ୍ରଦାନ କରି କଂଗ୍ରେସ ର ବିଧାୟକ ଟିକେଟ କୁ ହାତେଇ ନେଇଥିଲେ। ଖାଲି ଟିକେଟ ପାଇଲେ ନେତା ହୋଇଯାନ୍ତି ତାହା ନୁହେଁ ଏ କଥା ଜନସାଧାରଣ ଦିଲ୍ଲୀପଙ୍କୁ ଗତ ନିର୍ବାଚ଼ନ ରେ ବୁଝାଇ ଦେଇଥିଲେ ଯାହା ଦ୍ୱାରା ଗତ ନିର୍ବାଚ଼ନ ରେ ଦିଲ୍ଲୀପଙ୍କୁ ପରାଜୟ ର ସ୍ୱାଦ ଚ଼ାଖିବାକୁ ପଡିଥିଲା।ଶେଷରେ ପରାଜୟ ପରେ ଦିଲ୍ଲୀପ ନିଜ ସ୍ୱାର୍ଥ ଦୃଷ୍ଟିରୁ ବିଜେପି ପୁରାତନ ନେତ୍ରୀ ପ୍ରଭାତୀ ଙ୍କ ନେର୍ତ୍ତୃତ୍ୱରେ କଂଗ୍ରେସ ଛାଡି ବିଜେପି ରେ ମିଶି ଥିଲେ। କିନ୍ତୁ ପ୍ରଭାତୀ ଜାଣିନଥିଲେ ସେତେବେଳେ ମିଶିଥିବା ଦିଲ୍ଲୀପ ଏବେ ନିଜ ପାଇଁ ଅଡୁଆ ସୁତାର ଖିଅ ପରି ନିଜ ବେକରେ ଛନ୍ଦି ହେଇଯିବେ ବୋଲି। ଯିଏ ଦିଲ୍ଲୀପ ଙ୍କୁ ହାତ ଧରି ବିଜେପି ରେ ମିଶାଇଥିଲେ ତାଙ୍କୁ ଭୁଲିଯାଇ ତାଙ୍କ ବିରୁଦ୍ଧରେ ଆଉ ଏକ ସଂଗଠନ ସୃଷ୍ଟି କରିବା ସହିତ ଏକା ଏକା କର୍ମୀ ମାନଙ୍କୁ ନେଇ ବୈଠକ କରିବା ଏହା କର୍ମୀ ମାନଙ୍କ ମହଲରେ ଅସନ୍ତୁଷ୍ଟ ପ୍ରକାଶ ପାଇଛି। ଯାହାଦ୍ୱାରା ବିଜେପିର କର୍ମୀ ମାନେ ଓ ଦଳର ତୁଙ୍ଗ ନେତା ମାନେ ନିର୍ବାଚ଼ନ ସମୟରେ ଦିଲ୍ଲୀପଙ୍କୁ ପାନେ ଦେବାକୁ ନିଷ୍ପତି ନେଇଥିବା କୁହା କୁହି ହେବା ସହିତ ଦିଲ୍ଲୀପଙ୍କୁ ସ୍ୱାର୍ଥପର ଓ ନାଟକବାଜି ନେତା ବୋଲି କହିବାରେ ଲାଗିଛନ୍ତି। ତା ସହିତ ଯାହା ନେର୍ତ୍ତୃତ୍ୱରେ ବିଜେପି ରେ ମିଶି ଦିଲ୍ଲୀପ ନିଜର ରାଜନୀତିର କ୍ୟାରିଅର କୁ ଆଗକୁ ନେବା ପାଇଁ ଚେଷ୍ଟା କରିଥିଲେ ତାକୁ ତା ଅଜାଣତରେ ପଛପଟୁ ଛୁରୀ ମାରିବା ଏହା କର୍ମୀଙ୍କ ଭିତରେ ଅସନ୍ତୁଷ୍ଟ ପ୍ରକାଶ କରିଛି।






Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray